### ହାତୀ ଘଉଡ଼ାଇବାକୁ ନେଇ ବିବାଦ

# ବନ ବିଭାଗ-ଗ୍ରାମବାସୀ ମୁହାଁମୁହିଁ





ହିନ୍ଦୋଳ, ୧୪।୧୧(ସମିସ)

ହିନ୍ଦୋଳ ବନଖଣ୍ଡ ସୀମାକୁ ହାତୀ ପଲ ଘଉଡ଼ାଇବାକୁ ନେଇ ବାଦିବାହାଳ ଗ୍ରାମର ଗ୍ରାମବାସୀ ଓ ଅନୁଗୋଳ ବନବିଭାଗ କର୍ମଚାରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ହିନ୍ଦୋଳ ରେଞ୍ଜ ଅନ୍ତର୍ଗତ ବାଦିବାହାଳ ଗ୍ରାମ ଢେ଼ଙ୍କାନାଳ ଓ ଅନୁଗୁଳ ଜିଲ୍ଲାର ସୀମାରେ ରହିଛି। ବୁଧବାର ଦିନ ଅନୁଗୁଳ ଜିଲ୍ଲାର ବନ ବିଭାଗ କର୍ମଚାରୀ ମାନେ ୩୫ ଟିକିଆ ହାତୀପଲକୁ ଅନୁଗୁଳରୁ ଘଉଡାଇ ଆଣି ଢେ଼ଙ୍କାନାଳ ସୀମାନ୍ତରେ ପୁରାଇବା ପାଇଁ ଚେଷ୍ଟା କରୁଥିବା ବେଳେ ବାଦିବାହାଳ ଗ୍ରାମର ଗ୍ରାମବାସୀ ଏହାକୁ ପ୍ରତିବାଦ କରିଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ଚାଷ ଉଜୁଡ଼ିବା ସହିତ ହାତୀପଲ ଗ୍ରାମରେ ଘର ଭାଙ୍ଗୁ ଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ଗୋଟିଏ ପଟେ ଢେ଼ଙ୍କାନାଳ ଜିଲ୍ଲାରେ ଥିବା ହାତୀପଲଙ୍କ ଉପଦ୍ରବ ଯୋଗୁଁ ସ୍ଥାନୀୟ ଗ୍ରାମବାସୀମାନେ ଅନିଦ୍ରା ହୋଇ ରାତି ତମାମ ଜଗି ରହୁଥିବା ବେଳେ ଅନ୍ୟପଟେ ଅନୁଗୁଳ ହାତୀପଲଙ୍କୁ ଘଉଡାଇ ଆଣି ଢେ଼ଙ୍କାନାଳ ଜିଲ୍ଲାରେ ଛାଡ଼ିବାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା। ଅନୁଗୁଳର ବନ କର୍ମଚାରୀ ହାତୀ ପଲଙ୍କୁ ଢେ଼ଙ୍କାନାଳ ଭିତରକୁ ଘଉଡ଼ାଇବା ପାଇଁ ବ୍ୟବହାର କରୁଥିବା ରାପିଡ ରେସ୍କ୍ୟୁ ଟିମ୍ ହାତୀ ପଲଙ୍କୁ ଢେ଼ଙ୍କାନାଳ ସୀମା ରେ ଯୋର ଜବରଦସ୍ତ ଭର୍ତ୍ତି କରୁଥିବା ଘଟଣା ପଦାକୁ ଆସିଛି।

## ଦୃଷ୍ଟିହୀନ ଓ ବଧିର ଛାତ୍ରଛାତ୍ରୀଙ୍କ କ୍ରୀଡ଼ା ପ୍ରତିଯୋଗିତା



ଢେଙ୍କାନାଳ, ୧୪।୧୧(ସମିସ): ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ୨୦୨୪ ଉପଲକ୍ଷେ ଅକ୍ଷମ କଲ୍ୟାଣ ସମିତି ପରିଚାଳିତ ନନ୍ଦିନୀ ଦେବୀ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟରେ ଜିଲ୍ଲା ସ୍ତରୀୟ ଭିନ୍ନକ୍ଷମ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଅକ୍ଷମ କଲ୍ୟାଣ ସମିତିର ସଭାପତି ପ୍ରଦ୍ୟୁମ୍ନ ରଥ ପତାକା ଦେଖାଇ କ୍ରୀଡ଼ା ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସଟ୍‌ପୁଟ୍ ଓ ଡିସ୍କସ୍ ଥ୍ରୋ, ମ୍ୟୁଜିକ୍ ଚେୟାର, ଚିତ୍ରାଙ୍କନ, ସଙ୍ଗୀତ, ୧୦୦ ମିଟର ଓ ୨୦୦ ମିଟର ଦୌଡ଼ ଆଦି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ଭିନ୍ନକ୍ଷମ ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନେ ହେଲେ ବଧିର ବିଭାଗ ବରିଷ୍ଠ ବର୍ଗରେ ଅଷ୍ଟମ ଶ୍ରେଣୀର ଆଶୁତୋଷ ସାମଲ ସଟ୍‌ପୁଟ୍ ଥ୍ରୋ ଓ ୨୦୦ ମିଟର ଦୌଡ଼ ଏବଂ ଶିବ ସାହୁ ଡିସ୍କସ୍ ଥ୍ରୋ ଓ ଚିତ୍ରାଙ୍କନ, କନିଷ୍ଠ ବର୍ଗ ବାଳକ ସଟ୍‌ପୁଟ୍‌ରେ ଷଷ୍ଠ ଶ୍ରେଣୀର ସୌମ୍ୟ ରଞ୍ଜନ ସାମଲ, ଡିସ୍କସ୍ ଥ୍ରୋ ଓ ୧୦୦ ମିଟର ଦୌଡରେ ଶୁଭେନ୍ଦୁ ସାମଲ ଏବଂ ବାଳିକା ସଟ୍‌ପୁଟ୍ ଥ୍ରୋ ଓ ୧୦୦ ମିଟର ଦୌଡରେ ସପ୍ତମ ଶ୍ରେଣୀରେ ଦେଓଲା ଟୁଡୁ। ଦୃଷ୍ଟିହୀନ ବିଭାଗ ବାଳକ ବରିଷ୍ଠ ବର୍ଗ ସଟ୍‌ପୁଟ୍ ଥ୍ରୋ ଓ ୧୦୦ ମିଟର ଦୌଡରେ ଅଷ୍ଟମ ଶ୍ରେଣୀର ସିପୁ ନାଏକ, କନିଷ୍ଠ ବର୍ଗ ବାଳିକା ସଟ୍‌ପୁଟ୍ ଥ୍ରୋ ଓ ମ୍ୟୁଜିକ୍ ଚେୟାରରେ ୭ମ ଶ୍ରେଣୀର ତୁଳସୀ ନାଏକ ଏବଂ ସଙ୍ଗୀତ ପ୍ରତିଯୋଗିତାରେ ୫ମ ଶ୍ରେଣୀର ଲିମା ବେହେରା ପ୍ରଥମ ହୋଇ ରାଜ୍ୟ ସ୍ତରକୁ ଯିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। କ୍ରୀଡ଼ା ଶିକ୍ଷକ ସରୋଜ କୁମାର ସାମଲଙ୍କ ତତ୍ୱାବଧାନରେ ସମସ୍ତ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ପୁଷ୍ପକ ତ୍ରିପାଠୀ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ରଥ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ବିଶ୍ୱନାଥ ବେହେରା ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ସଭ୍ୟ ଶରତ କୁମାର ସାହୁ ଓ ବଧିର ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ସାହୁ ମଞ୍ଚାସୀନ ରହିଥିଲେ।

## ଟ୍ରେଲର-ଟ୍ରକ୍ ମୁହାଁମୁହିଁ ;୧ ମୃତ

ଢେଙ୍କାନାଳ, ୧୪।୧୧(ସମିସ): ସଦର ଥାନା ଅନ୍ତର୍ଗତ ୫୫ନଂ ଜାତୀୟ ରାଜପଥର ରସାସିଂହ ଛକ ନିକଟରେ ଏକ ଟ୍ରେଲର ସହିତ ଟ୍ରକର ମୁହାଁମୁହିଁ ଦୁର୍ଘଟଣା ଘଟିବା ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବାର ଜଣାପଡ଼ିଛି।

ଅନୁଗୁଳରୁ ଓଡି୦୪ଭି ୦୪୫୬ ନଂ ଏକ ଟ୍ରେଲର ଆସୁଥିବା ବେଳେ ଢେଙ୍କାନାଳରୁ ଅନୁଗୁଳ ଅଭିମୁଖେ ଯାଉଥିବା ଟ୍ରକ୍ ଓଆର୦୫ଏଏଲ୬୦୭୬ ସହିତ ମୁହଁମୁହିଁ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ଟ୍ରେଲର ଚାଳକ ଗୁରୁତର ଆହତ ହୋଇ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବାର ଜଣାପଡ଼ିଛି। ମୃତ ଡ୍ରାଇଭରଙ୍କ ନାମ ବିଜୟକୁମାର ମଣ୍ଡଳ(୩୦)। ତାଙ୍କ ଘର ବାରଙ୍ଗ ଥାନା ଅନ୍ତର୍ଗତ ଗଡ଼ଭୈକୁଦ ଗ୍ରାମର ବୋଲି ଜଣାପଡ଼ିଛି। ଦୁର୍ଘଟଣା ଘଟାଇଥିବା ୨ ଟ୍ରକକୁ ପୋଲିସ ଜବତ କରି ଏ ସଂକ୍ରାନ୍ତରେ ୮୮୭/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ନୂଆଗାଁରେ କାର୍ତ୍ତିକେଶ୍ୱର ପୂଜା

ଢେଙ୍କାନାଳ, ୧୪।୧୧(ସମିସ): ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ଗ୍ରାମର ଦୀର୍ଘ ୫୬ ବର୍ଷ ଧରି ପଞ୍ଚୁକ ଅବସରରେ କାର୍ତ୍ତିକ ବ୍ରତ ପାଳିତ ହେଉଛି। ଗ୍ରାମରେ ଦୀର୍ଘବର୍ଷ ଧରି ୮ଗୋଟି ସ୍ଥାନରେ ପୂଜା ହେଉଛି। ସଭାପତି ଭାବେ ପ୍ରଦ୍ମମନ ସ୍ୱାଇଁ ଓ ସମ୍ପାଦକ ସାରସ ନାୟକ, ବିଜ୍ଞାନ ବରାଳ, ଅଜୟ ଦାସ, ବିନୋଦ ବରାଳ, ଘନ ଶାମ ଭୂୟାଁ, ସର୍ବେଶ୍ୱର ବରାଳ, ଗ୍ରାମ ଶାନ୍ତି କମିଟି ଉପଦେଷ୍ଟା କମିଟିର ସଦସ୍ୟ ଆର୍ତ୍ତବନ୍ଧୁ ମଲ୍ଲିକ, ସମାଜସେବୀ ସନ୍ତୋଷ କୁମାର ଭୂୟାଁ ପ୍ରମୁଖଙ୍କ ଉପସ୍ଥିତି ଏବଂ ସହଯୋଗରେ ପୂଜା ପାଳନ ହେଉଛି। ଶନିବାର ଦିନ ଭଣାଣି ପର୍ବ ପାଳନ କରାଯିବ। ଆଖ ପାଖ ଅଞ୍ଚଳରେ ଥିବା ଗ୍ରାମବାସୀମାନେ ଠାକୁରଙ୍କୁ ଦର୍ଶନ କରିବା ସହିତ ଗ୍ରାମରେ ସଂକୀର୍ତ୍ତନ ନାମ ଧରି ଗ୍ରାମ ପରିକ୍ରମା କରନ୍ତି।

## ସିନର୍ଜୀ ବୈଷୟିକ ମହାବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ ପାଳିତ

ଢେଙ୍କାନାଳ, ୧୪।୧୧(ସମିସ): ସ୍ଥାନୀୟ ସିନର୍ଜୀ ବୈଷୟିକ ମହବିଦ୍ୟାଳୟର ରୌପ୍ୟ ଜୟନ୍ତୀ ପାଳନ ସମାରୋହ ମଧ୍ୟରେ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରେଭେନ୍ସା ବିଶ୍ୱ ବିଦ୍ୟାଳୟର କମର୍ସ ଓ ବିଜନେସ ମ୍ୟାନେଜମେଣ୍ଟ ବିଭାଗର ପ୍ରୋଫେସର ଡା. ତୁଷାରକାନ୍ତ ପାଣି ଯୋଗଦେଇଥିଲେ। ଦିବସର ପ୍ରାରମ୍ଭରେ ରୌପ୍ୟ ଜୟନ୍ତୀ ସମାରୋହର ସଭ୍ୟା ପ୍ରୋଫେସର ଡ. ଜୟଶ୍ରୀ ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଶାସନିକ ନିର୍ଦ୍ଦେଶିକା ଡ. ଇତିଶ୍ରୀ ମହାନ୍ତି ଦିବସର କଥାବସ୍ତୁର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଛାତ୍ର ଜୀବନରେ ମାନସିକ ଚାପ ଏବଂ ସେଥିରୁ କିପରି ମୁକ୍ତି ମିଳିପାରିବ ସେ ବିଷୟରେ ମୁଖ୍ୟ ଅତିଥି ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ। ଶୃଙ୍ଖଳିତ ଜୀବନଚର୍ଯ୍ୟା ଏବଂ ନୈତିକ ଶିକ୍ଷାପ୍ରତି ଯୁବ ସମାଜର ଆଗ୍ରହ ବିଷୟରେ ମଧ୍ୟ ଆଲୋଚନା କରିଥିଲେ। ଏହି ଅବସରରେ ଡା. ଜୟଶ୍ରୀ ସିଂହ ସଭାରେ ଉପସ୍ଥିତ ଥିବା ସମସ୍ତ ଅତିଥି ବୃନ୍ଦ ଏବଂ ଛାତ୍ରଛାତ୍ରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ରୌପ୍ୟ ଜୟନ୍ତୀ ସମାରୋହର ଆବାହିକା ପ୍ରଫେସର କଳ୍ପନା ସାହୁ କାର୍ଯ୍ୟକ୍ରମର ଆୟୋଜନ କରିଥିବା ବେଳେ କମ୍ପ୍ୟୁଟର ସାଇନ୍ସର ୨ୟ ବର୍ଷର ଛାତ୍ରୀ ଶ୍ରେୟା ନାୟକ ଏବଂ ତ୍ରିଶା ମହାନ୍ତି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

## ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣରଙ୍କ ଢେଙ୍କାନାଳ ଗସ୍ତ

ଢେଙ୍କାନାଳ, ୧୪।୧୧(ସମିସ): ରୋଟାରୀ ଡିଷ୍ଟ୍ରିକ୍ଟ ୩୨୬୨ର ଗଭର୍ଣ୍ଣର ରୋଟାରିଆନ୍ ଯଜ୍ଞଶିସ୍ ମହାପାତ୍ର ଢେଙ୍କାନାଳରେ ପହଞ୍ଚି ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମର ସମୀକ୍ଷା ଓ ଲୋକାର୍ପଣ କରିଛନ୍ତି। ଗଜମରାସ୍ଥିତ ରୋଟାରୀ ବିଦ୍ୟାମନ୍ଦିରରେ ପହଞ୍ଚି ଶିଶୁ ଦିବସ ଉତ୍ସବରେ ଯୋଗଦାନ କରିଥିଲେ। ଆସିଷ୍ଟାଣ୍ଟ ଗଭର୍ଣ୍ଣର ପ୍ରଫେସର ଗଙ୍ଗାଧର ମିଶ୍ର ଉପସ୍ଥିତ ଥିଲେ। ଆୟୋଜିତ ବକ୍ତୃତା ପ୍ରତିଯୋଗୀତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷାର୍ଥୀଙ୍କୁ ପାଠ୍ୟୋପକରଣ ପ୍ରଦାନ କରାଯାଇଥିଲା। ସବୁଠାରୁ ଅଧିକ ମ୍ୟାଲେରିଆ ପ୍ରବଣ ସ୍ଥାନ ସପ୍ତଶଯ୍ୟା ଉପକଣ୍ଠସ୍ଥ କମ୍‌ନିଙ୍ଗ ଓ ଗଜମରା ସଅର ସାହିରେ ୨୦୦ରୁ ଊର୍ଦ୍ଧ୍ୱ ମଶାରୀ ବଣ୍ଟନ କରାଯାଇଥିଲା। ସହରର ସମସ୍ତ ଟ୍ରାଫିକ୍ ପୋଷ୍ଟର କାର୍ଯ୍ୟରତ ଆରକ୍ଷୀ ବନ୍ଧୁମାନଙ୍କୁ ଆଣ୍ଟିଗ୍ଲେୟର୍ ସନ୍ ଗ୍ଲାସ୍ ବଣ୍ଟନ କରାଯାଇଥଲା। ଟ୍ରାଫିକ୍ ଇନିସ୍ପେକ୍ଟର ସମୀର ସାମଲଙ୍କୁ ମଧ୍ୟ ଏ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ରୋଟାରୀଆନ୍ ରାଜକିଶୋର ବେହେରା ସ୍ୱାଗତ ଭାଷଣ, ଅତିଥି ପରିଚୟ ଦେବା ସହ ସଭା ସଞ୍ଚାଳନ କରିଥିଲେ। ସହ ସମ୍ପାଦକ ରୋଟାରିଆନ୍ ପ୍ରଦୋଶ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ଓଷା ପାଇଁ କପିଳାସରେ ଶ୍ରଦ୍ଧାଳୁଙ୍କ ଭିଡ଼



ଗଁଦିଆ, ୧୪।୧୧(ସମିସ): ରାଜ୍ୟର ପ୍ରସିଦ୍ଧ ଶୈବପୀଠ କପିଳାସରେ ବଡ଼ଓଷା ଉପଲକ୍ଷେ ଗୁରୁବାର ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କର ଭିଡ ପରିଲିକ୍ଷିତ ହୋଇଥଲା। ରାଜ୍ୟ ଓ ଜିଲ୍ଲାର ବିଭିନ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଲମ୍ବା ଧାଡ଼ିରେ ଠିଆ ହୋଇ ମହାପ୍ରଭୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉ ମହାଦେବ ଓ ମାତା ପାର୍ବତୀଙ୍କ ଦର୍ଶନ କରିଥିଲେ। ବଡ଼ଓଷା ଭୋଗ ସହ ପ୍ରସାଦ ସେବନ ମଧ୍ୟ କରିଥିଲେ। ସେହିପରି ଢେଙ୍କାନାଳ ଜିଲ୍ଲା ଜାତୀୟସ୍ତରୀୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବା ଉନ୍ନକୋଟୀଶ୍ୱର, ଅଷ୍ଟଶମ୍ଭୁ, ନାଗନାଥଶ୍ୱର ଆଦି ଶୈବପୀଠରେ ବଡ଼ଓଷା ପର୍ବ ପାଳିତ ହୋଇଯାଇଛି। ଗଁଦିଆ ବ୍ଲକର ବଣୀଆପୋଡାର ସ୍ୱପ୍ନେଶ୍ୱର ମନ୍ଦିର, କରମୁଳର ଅନ୍ନକଟେଶ୍ୱର, କାବେରାର କଳ୍ପସ୍ୱର ବଟେସ୍ୱର ମନ୍ଦିର, ଦଧିସିଙ୍ଗାର ଚମ୍ପାଶ୍ୱର, ସନ୍ଥପୁରର ବାଲୁକେଶ୍ୱର ଆଦି ଅଞ୍ଚଳରେ ଥିବା ଶିବମନ୍ଦିରରେ ବଡ଼ ଓଷା ଉପଲକ୍ଷେ ଠାକୁରଙ୍କ ଦର୍ଶନ ପାଇଁ ଭିଡ଼ ହୋଇଥିଲା।

## କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ପ୍ରସାଦ ବଣ୍ଟନ

ଢେଙ୍କାନାଳ, ୧୪।୧୧(ସମିସ): ସ୍ଥାନୀୟ ଜଗନ୍ନାଥ ରୋଡ ସ୍ଥିତ କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହେଉଛି। ଏ ବର୍ଷ ପ୍ରତେକ ଦିନ ପଞ୍ଚୁକ ପାଇଁ ଖେଚୁଡ଼ି ଡ଼ାଲମା ଭକ୍ତ ମାନେ ସେବନ କରୁଛନ୍ତି ଏବଂ ପୁର୍ଣିମା ଦିନ କ୍ଷୀରି ବଣ୍ଟା ହେବ। କମିଟିର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

## ବିଭିନ୍ନ ସ୍ଥାନରେ ନେହରୁଙ୍କ ଜନ୍ମ ଦିବସ ପାଳିତ

# ‘ନେହରୁ ଥିଲେ ବିଂଶ ଶତାବ୍ଦୀର ଶ୍ରେଷ୍ଠ ଗଣତନ୍ତ୍ରବାଦୀ’







ଢେଙ୍କନାଳ, ୧୪।୧୧(ସମିସ)

ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ପଣ୍ଡିତ ଜବାହାରଲାଲ ନେହେରୁ ତଥା ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ● ସୋସିଆଲିଷ୍ଟ ଫୋରମ୍

ସ୍ଥାନୀୟ ରଥଗଡ୍ଡାସ୍ଥିତ ଉତ୍ପଳା କାର୍ଯ୍ୟାଳୟରେ ନେହେରୁ ସୋସିଆଲିଷ୍ଟ ଫୋରମ୍ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନେହେରୁ ସୋସିଆଲିଷ୍ଟ ଫୋରମ୍‌ର ରାଜ୍ୟ ଆବାହକ ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସମାଜବାଦୀ ନେତା ସରୋଜ ଶତପଥୀ କହିଲେ ଯେ, ନେହେରୁ ଆଧୁନିକ ଭାରତ ବର୍ଷର ନିର୍ମାତା ଥିଲେ। ସମ୍ମାନୀତ ଅତିଥି ଭାବେ ପୂର୍ବତନ ସିବିଆଇ ଜଜ୍ ଭିକାରୀ ଚରଣ ରାଉତ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡା. ଦେବୀ ପ୍ରସାଦ ମିଶ୍ର ଯୋଗଦାନ କରି ନେହେରୁଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ପରିବେଶବିତ୍ ଉପେନ୍ଦ୍ର ରାଉତ, ପ୍ରାକୃତିକ ଚିକିତ୍ସା କେନ୍ଦ୍ରର ପରିଚାଳକ

### ● ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ

**ଢେଙ୍କାନାଳ:** ସ୍ଥାନୀୟ ଶତାୟୁ ପିଏମ୍ ଶ୍ରୀ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ଦିବସ ପାଳନ ଅବସରରେ ଅଟଳ ଟିଙ୍କରିଁ ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳଙ୍କ ମାର୍ଗଦର୍ଶନରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଡ଼ା.ଦେବୀ ପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଧାନଚାନ୍ଦ ମିଶ୍ର ଶିଶୁ ଦିବସ ଉତ୍ସବରେ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ଶିକ୍ଷୟତ୍ରୀ ଡଃ ଅନୁପମା ମିଶ୍ର ସ୍ୱାଗତ ଭାଷଣ, କାର୍ଯ୍ୟକ୍ରମର ଆଭିମୁଖ୍ୟ ବର୍ଣ୍ଣନା, କାର୍ଯ୍ୟକ୍ରମର ସଫଳ ପରିଚାଳନା, କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ପୀତବାସ ସାହୁ, ଇଂ. ଯୁଧିଷ୍ଠିର ସାହୁ, ଲକ୍ଷ୍ମୀଧର ଶତପଥୀ, ତରୁଣ ବିଶ୍ୱାଳ ପ୍ରମୁଖ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଗୋକୁଳାନନ୍ଦ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲାବେଳେ ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ● ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

**ଭୁବନ:** ଭୁବନ ବ୍ଲକ କୁନିଦା ପଞ୍ଚାୟତର ସରସ୍ୱତୀ ଶିଶୁମନ୍ଦିର ପରିସରରେ ପ୍ରଧାନ ଆଚାର୍ଯ୍ୟ ରଶ୍ମିତା ପ୍ରଧାନଙ୍କ ତତ୍ୱାବଧାନରେ ଶିଶୁଦିବସ ପାଳନ କରାଯାଇଛି। ଏହି ଅବସରରେ ଶିଶୁଦିବସର ତାପର୍ଯ୍ୟ ଓ ନେହେରୁଙ୍କ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଗୁରୁମା ଓ ଗୁରୁଜୀ ପବିତ୍ର ବାରିକ, ଜୟନ୍ତୀ ମାହୁନ୍ତ, ଜ୍ୟୋତି ପ୍ରଜ୍ଞା ଦାସ, ପୂର୍ଣ୍ଣମୟୀ ଜେନା, ଦିପ୍ତିମୟୀ ମହାରଣା, ସୁଜାତା ପରିଡ଼ା, ଲତା ପୃଷ୍ଟିଙ୍କ ସହିତ ସମ୍ପାଦକ ରମେଶ ଚନ୍ଦ୍ର ପରିଡ଼ା, ପୂର୍ବତନ ସମ୍ପାଦକ ଅଲେଖ ପ୍ରସାଦ ଦାସ ଉପସ୍ଥିତ ରହି ପରିଚାଳନା କରିଥିଲେ।






### ● ସେଣ୍ଟ୍ ଜାଭିୟର୍ସ ସ୍କୁଲ୍

**ଭୁବନ:** ଭୁବନ ଏନ୍ଏସି ଅନ୍ତର୍ଗତ ସେଣ୍ଟ୍ ଜାଭିୟର୍ସ ବିଦ୍ୟାଳୟ ପରିସରରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ତତ୍ୱାବଧାନରେ ଶିଶୁଦିବସ ପାଳନ କରାଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଶିଶୁଦିବସର ତାପର୍ଯ୍ୟ ଓ ନେହୁରଙ୍କ ଜୀବନୀ ଉପରେ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକଶିକ୍ଷୟତ୍ରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ● ଗଁଦିଆ ସରକାରୀ ଉଚ୍ଚ ବିଦ୍ୟାଳୟ

**ଗଁଦିଆ :** ଗଁଦିଆ ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷକ ମୁରଲୀଧର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉକ୍ତ ବିଦ୍ୟାଳୟର ମୋ ସ୍କୁଲ୍ ଅଭିଯାନର ସଭାପତି ତଥା ପ୍ରାକ୍ତନ ସ୍ୱତନ୍ତ୍ର ବିଚାରପତି, ସିବିଆ. ଭିକାରୀ ଚରଣ ରାଉତ, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକୃତି ବନ୍ଧୁ ହରିହର ସାହୁଏ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡଃ ଦେବୀପ୍ରସାଦ ମିଶ୍ର, ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ପରିବେଶବିତ୍ ଉପେନ୍ଦ୍ର କୁମାର ରାଉତ ଉପସ୍ଥିତ ହୋଇ ନେହେରୁଙ୍କ ତ୍ୟାଗପୂତ ଜୀବନ ଉପରେ ଆଲୋଚନା କରିଥିଲେ। ଏହି ଉତ୍ସବରେ ମାଟ୍ରିକ ପରୀକ୍ଷାରେ ଜିଲ୍ଲା ଟପ୍ପର ପାର୍ଥ ସାରଥି ଖିଲାର ବିଦ୍ୟାଳୟର ଏ-୧ ର ଦୁଇ ଛାତ୍ରୀ ସ୍ୱାଗତିକା ଧଳ ଓ ସ୍ୱୟମ ଶ୍ରୀ ପୃଷ୍ଟିଙ୍କୁ ମାନପତ୍ର, ଅର୍ଥରାଶି ଓ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମନୋଜ କୁମାର ସ୍ୱାଇଁ ଉଦ୍‌ବୋଧନ ଦେଇଥିଲେ। ଶିକ୍ଷୟିତ୍ରୀ ଅର୍ଚ୍ଚନା ସାହୁ, ନିହାରିକା ପାତ୍ର, ନିବେଦିତା ପାତ୍ର, ସ୍ୱାତି ମିଶ୍ର, ମାମିନା ପୃଷ୍ଟି, ମଧୁଲିକା ରାଉଳ ଶିକ୍ଷକ ନିର୍ମଳ ସାହୁ, କୋଦଣ୍ଡ ସାହୁ, ସନ୍ତୋଷ କୁମାର ପୃଷ୍ଟି, ବଳରାମ ରାଉତ, ପ୍ରକାଶ କୁମାର ନାୟକ, ଦୁଷ୍ମନ୍ତ ସେଠୀ, ଚିରଞ୍ଜିବୀ ଦାଶ ଓ ସୁଜାତା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

### ● ସୁଲକ୍ଷଣା ଦେବୀ ଉଚ୍ଚ ବିଦ୍ୟାଳୟ

**ଢେଙ୍କାନାଳ :** ସ୍ଥାନୀୟ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଜବାହରଲାଲ ନେହେରୁଙ୍କ ପ୍ରତିଛବି ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଶିଶୁ ଦିବସକୁ ନେଇ ଛାତ୍ରଛାତ୍ରୀ ମାନେ ନିଜ ନିଜର ବକ୍ତୃତା ପ୍ରଦାନ କରିଥିଲେ। ଏହା ପରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦେହୁରୀ ନିଜର ଅଭିଭାଷଣ ରଖିଥିଲେ। ଏହି ଅବସରରେ ଝୋଟି, ରଙ୍ଗୋଲି, ନୃତ୍ୟ ଓ ଫ୍ୟାନ୍ସି ଡ୍ରେସ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

### ସାତକୋଶିଆ ଜଙ୍ଗଲ ଧ୍ୱଂସର ତଦନ୍ତ ଆରମ୍ଭ

# ନିଆଁରେ ପୋଡ଼ିବା ପରେ ପୋତାଯାଇଛି ଗଛମୂଳ

ଅନୁଗୋଳ, ୧୪ ।୧୧(ସମିସ)

ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ବାଘ ଶୂନ୍ୟ ହେବା ପରେ ବନ ବିଭାଗ ବାଘ ବଂଶ ବୃଦ୍ଧି ପାଇଁ ପରୀକ୍ଷା ମୂଳକ ଭାବେ ଯୋଜନା କରୁଛି । ଯୋଜନା ପରେ ଯୋଜନାରେ କୋଟି କୋଟି ଟଙ୍କାର ଅନୁଦାନ ହେଉଛି । ମାଲମାଲ ଗାଡି ମୋଟର, ଶହଶହ ସଂଖ୍ୟାରେ ହାତୀ ସାଥୀ, ସ୍କାର୍ଡ, ୱାଚର୍, ହଜାର ହଜାର କ୍ୟାମେରା, ଡିଜିଟାଲ୍ ଯନ୍ତ୍ରପାତି ସବୁ ବାଘ ସୁରକ୍ଷାରେ ଫେଲ୍ ହୋଇଛି । ସମସ୍ତେ ଜଙ୍ଗଲରେ ପହରା ଦେଉଛନ୍ତି, କ୍ୟାମେରା ଲାଗିଛି, କୁକୁର ଆସି ସୁରକ୍ଷାରେ କାମ କରୁଛି, ହାତୀ ମଧ୍ୟ ଜଂଗଲ ପହରା ଦେଇ ଜଗୁଛି । ମାତ୍ର ୩ ବର୍ଷ ହେଲା ସାତକୋଶିଆରେ ଥିବା ଏକମାତ୍ର ବାଘୁଣୀର ପତ୍ତା ମିଳିଲା ନାହିଁ । ଏଥିରୁ ବନ ବିଭାଗର ପାରିବା ପଣିଆ ସମସ୍ତେ ଆକଳନ କରୁଛନ୍ତି । କିଛି ଅବସରପ୍ରାପ୍ତ ବନ ଅଫିସର୍, ରାଜନେତା ଓ ତଥାକଥିତ ବନ୍ୟଜନ୍ତୁପ୍ରେମୀଙ୍କୁ କୋର୍ ଏରିଆରେ ବୁଲାଇ, ଭଲ ଖାଇବାକୁ ଦେଇ ବନବିଭାଗ ନିଜର ପ୍ରଚାର ପ୍ରସାର କରୁଅଛି । ଏହି ତଥାକଥିତ ସଂରକ୍ଷଣବାଦୀ ମାନେ ମଧ୍ୟ ରାଜଧାନୀରେ ସବୁଠି ବୁଲି ବୁଲି ସାତକୋଶିଆର ଅଧିକାରୀଙ୍କ ପ୍ରଚାର ପ୍ରସାର କରିବାରେ କୁଣ୍ଠାବୋଧ





## ● ଘାସଚାଷ ନାଁରେ ପ୍ରାକୃତିକ ଜଂଗଲ ଧ୍ୱଂସ

କରୁନାହାନ୍ତି । ଅନ୍ୟ ପକ୍ଷରେ ଏଠାରେ ସୁରକ୍ଷା ଓ ପରିଚାଳନା ଯେ ଢିଲାରେ ଚାଲିଛି ଏବଂ ବେଆଇନ୍ କାର୍ଯ୍ୟ ନିଜେ ବନ ବିଭାଗ କରୁଛି, ଏକଥା କାହାକୁ ଅଛପା ନାହିଁ । ଜଙ୍ଗଲ ଧ୍ୱଂସର ଫଟୋ ଗୁଡ଼ିକ ପ୍ରଧାନ ମୁଖ୍ୟ ବନ ସଂରକ୍ଷକକୁ ପଠାଯାଇଥିଲା । ମାତ୍ର ତାହାର କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ପ୍ରଜା ସୁରକ୍ଷା ସମିତି ପକ୍ଷରୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷଙ୍କ ପାଖକୁ ଅଭିଯୋଗ କରାଯାଇଥିଲା । ଏହି ଅଭିଯୋଗ ଅନୁଯାୟୀ ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ ନିର୍ଦ୍ଦେଶକ୍ରମେ ୱାର୍କିଂଗ୍ ପ୍ଲାନ୍ ଅଫିସର୍ ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି । ଗତ ୮ ତାରିଖରେ ୱାର୍କିଂଗ୍ ପ୍ଲାନ୍ ଅଫିସର୍ ତଦନ୍ତ ପାଇଁ ପତ୍ର ଲେଖିବା ପରେ ବନ ବିଭାଗ କର୍ମଚାରୀ ମାନେ ଏକ୍ସାଭେଟର୍ ନେଇ କାଠଗଣ୍ଡିକୁ ମାଟିରେ ପୋତି ଦେଇଥିବା ଜଣାଯାଇଛି । ଏପରିକି ନିଆଁ ଲଗାଇ କିଛି ଗଛ ପୋଡି ଦେଇଛନ୍ତି । ରାତିଦିନ ଲାଗି ମେସିନ୍ ନେଇ ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟା କରିଛନ୍ତି । ଅବଶ୍ୟ ବନ ବିଭାଗ ୧୦ରୁ ୧୫ ହାତୀ ଗୋଟିଏ ବର୍ଷରେ ପ୍ରମାଣ ନଷ୍ଟ ପାଇଁ ପୋତି ଦେଇପାରିଥିଲା । ଏହି ପୋତିବା ଅଭ୍ୟାସ ବନ ବିଭାଗର ଆଗରୁ ରହିଛି ଏବଂ ପ୍ରମାଣ ନଷ୍ଟ ପାଇଁ କାଠଗଣ୍ଡିକୁ ମଧ୍ୟ ପୋତିବାରେ ସକ୍ଷମ ହୋଇଛି । ମାତ୍ର ଅଭିଯୋଗକାରୀଙ୍କ ଯୁକ୍ତି ବନ ବିଭାଗ ଜଙ୍ଗଲ ସୁରକ୍ଷା ପରିଚାଳନାରେ ଡିଜିଟାଲ୍ ସର୍ଭେ କରୁଛି ଏବଂ ରିମୋଟ ସେନସିଂଗ୍ ଆପଲିକେସନ୍‌ର ବ୍ୟବହାର ବିଭିନ୍ନ କ୍ଷେତ୍ରରେ ବ୍ୟବହାର କରୁଅଛି । ଓରସାକ୍ ବା ଓଡ଼ିଶା ସ୍ପେସ୍ ଆପଲିକେସନ୍ ସେଣ୍ଟର ଦ୍ୱାରା ରିମୋଟ୍ ସେନସିଂଗ୍ ବଳରେ ଏହାର ତଦନ୍ତ କରିବାକୁ ଦୃଢ ଦାବି ହେଉଛି । ଗତକାଲି ୱାର୍କିଂଗ୍ ପ୍ଲାନ୍ ଅଫିସର୍ ସମେତ ଏକ ତଦନ୍ତ ଟିମ୍ ଘଟଣାସ୍ଥଳକୁ ଯାଇଥିଲେ । ଘଟଣାସ୍ଥଳରେ ଘାସଚାଷ ପାଇଁ ସମସ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଅଧିକାଂଶ କାଠଗଣ୍ଡିକୁ ମାଟି ତଳେ ପୋତା ଯାଇଛି । ସବୁଠାରୁ ଆଶ୍ଚର୍ଯ୍ୟ, ତଦନ୍ତ ଚିଠି ପାଇବା ପରେ ବନ ବିଭାଗ ପ୍ରମାଣକୁ ନଷ୍ଟ କରିବା ପାଇଁ ମେସିନ୍ ଲଗାଇ ପୋତି ଦେଇଛି । ଏହାକୁ ଅଭିଯୋଗକାରୀ ସାତକୋଶିଆ ଅଭୟାରଣ୍ୟ ପ୍ରଜା ସୁରକ୍ଷା ସମିତି ସହଜରେ ଗ୍ରହଣ କରୁନାହିଁ । ଏଣୁ ଓରସାକ୍‌ର ଡିଜିଟାଲ୍ ସିଷ୍ଟମକୁ ତଦନ୍ତର ବ୍ୟବହାର ପାଇଁ ଦାବି ହେଉଛି । ଏପରିକି ଗତ ୫ ବର୍ଷକ ମଧ୍ୟରେ ଜଙ୍ଗଲ ଧ୍ୱଂସର ସମ୍ପୂର୍ଣ୍ଣ ତଥ୍ୟ ଏହି ଡିଜିଟାଲ୍ ରିମୋଟ୍ ସେନସିଂଗ୍ ବ୍ୟବହାର ଜନିତ ତଦନ୍ତରେ ପର୍ଦ୍ଦାଫାସ୍ ହେବ ବୋଲି ସମିତିର ସଭାପତି ନବ କିଶୋର ବିଶୋଇ ପ୍ରକାଶ କରିଛନ୍ତି । ବନ ବିଭାଗରେ ସଂରକ୍ଷଣ ନାହିଁ ବେଆଇନ୍ କାର୍ଯ୍ୟ କରି ଅସତ୍ ଉପାୟରେ ଅର୍ଥ ଉପାର୍ଜନ କରୁଥିବାକୁ ଶ୍ରୀ ବିଶୋଇ ଦୃଢ ନିନ୍ଦା କରିଛନ୍ତି । ଏ ସମ୍ପର୍କରେ ଚଳିତ ମାସ ୯ ତାରିଖ ଦିନ ସକାଳରେ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଥିଲା ।

**‘ସକାଳ’ ପ୍ରଭାବ**

---

### ■ ତାଳଚେରରେ ମୁଖାପିନ୍ଧା ଦୁର୍ବୃତ୍ତଙ୍କ ଆତଙ୍କରାଜ

# ଯୁବକକୁ ମରଣାନ୍ତକ ଆକ୍ରମଣ



ତାଳଚେରସଦର, ୧୪।୧୧(ସମିସ): କିଛି ଦିନ ହେବ ତାଳଚେର ଶିଳ୍ପନଗରୀ ସହରରେ ଛିନ୍‌ତାଇ ବୃଦ୍ଧି ପାଇବାରେ ଲାଗିଛି । ଆଜି ଏକ ଘରୋଇ ବସ୍‌ରେ ଜନୈକା ଯୁବତୀ ଝରକା କଡ଼ରେ ବସି ଫୋନରେ କଥାବର୍ତ୍ତା ହେଉଥିବା ବେଳେ ଜନଗହଳି ବାଇପାସ୍ ଛକର ଟ୍ରାଫିକ ନିକଟରେ ଜଣେ ଦୁର୍ବୃତ୍ତ ତାଙ୍କ ଠାରୁ ମୋବାଇଲଟି ଛଡ଼ାଇନେଇ ଆଖିପିଛୁଳାକେ ଛୁ ମାରିଥଲେ । ଗତକାଲି ବାଘୁଆବୋଲ ଅଞ୍ଚଳର ପରେଶ ଜେନା ଡ୍ୟୁଟି ସାରି ରାତି ୮ ଟା ବେଳେ ନିଜ ବାଇକ୍ ଯୋଗେ ଶନିବାର ହାଟ ନିକଟସ୍ଥ ରେଲୱେ ଲାଇନ ଦେଇ ଘରକୁ ଫେରୁଥିବା ବେଳେ ୪ରୁ ୬ ଜଣ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରି ଲହୁଲୁହାଣ କରିବା ସହ ତାଙ୍କ ନିକଟରେ ଥିବା ମୋବାଇଲ ଛଡ଼ାଇ ନେବାକୁ ଉଦ୍ୟମ କରୁଥିଲେ । ସେହି ସମୟରେ ଶ୍ରୀ ଜେନା ପାଟିତୁଣ୍ଡ କରିବାରୁ ସ୍ଥାନୀୟ ଅଞ୍ଚଳର ଲୋକେ ଜମା ହୋଇଯାଇଥିଲେ । ତେଣୁ ଦୁର୍ବୃତ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ । ସେହି ବାଘୁଆବୋଲ ବାଇପାସ୍ ରାସ୍ତାରେ ଏଭଳି ବାରମ୍ବାର ଘଟଣା ଘଟୁଥିଲେ ମଧ୍ୟ ପୁଲିସ୍ କିପରି ଏହାର ଟେର ପାଉନାହିଁ ତାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟରେ ବାତାବରଣ ସୃଷ୍ଟି ହେଉଛି । ତେବେ ଏ ଘଟଣାକୁ ନେଇ ଶ୍ରୀ ଜେନା ତାଳଚେର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ବାଘୁଆବୋଲ ଅଞ୍ଚଳରୁ ଗ୍ରୀଲକାଟି ଚୋରି, ଶନିବାରହାଟରୁ ବାରମ୍ବାର ମୋବାଇଲ, ଏକାଧିକ ବାଇକ ଚୋରି ହେଉଥିଲେ ମଧ୍ୟ ପୁଲିସ ଏପର୍ଯ୍ୟନ୍ତ ଚୋରକୁ ଧରିବାରେ ସକ୍ଷମ ହେଉନଥିବା ଅଭିଯୋଗ ହେଉଛି ।

# କାଠପାଳରେ କାର୍ତ୍ତିକେୟଙ୍କ ପୂଜା ଉତ୍ସବ

ଛେଣ୍ଡିପଦା, ୧୪।୧୧(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ଶିମିଳିପାଳ ପଞ୍ଚାୟତ କାଠପାଳ ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା ଆୟୋଜିତ ହେଉଛି । ବୁଧବାରଠାରୁ ଗ୍ରାମ ଆରମ୍ଭରେ ଏକ ପୂଜା ମଣ୍ଡପରେ ସୁନ୍ଦର ସାଜସଜ୍ଜା ସହିତ କାର୍ତ୍ତିକେଶ୍ୱର ପୂଜା ମହା ସମାରୋହରେ ପାଳିତ ହେଉଛି । ବୁଧବାର ଦିନ ଗ୍ରାମର ସମସ୍ତ ସ୍ତ୍ରୀ ଲୋକମାନଙ୍କ ଦ୍ୱାରା କଳସ ଯାତ୍ରାର ଆୟୋଜନ ହୋଇଥିଲା । ପୂଜା ମଣ୍ଡପଠାରୁ ଗାଁ ମୁଣ୍ଡରେ ଥିବା ସ୍କୁଲ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଖଞ୍ଜା ଯାଇଥିବା ରଙ୍ଗୀନ ଆଲୋକମାଳା ସନ୍ଧ୍ୟା ପରେ ଝଲସି ଉଠୁଛି । ପ୍ରତ୍ୟେକ ଦିନ ନିଷ୍ଠାର ସହିତ ପୂଜାପାଠ ଓ ହୋମଯଜ୍ଞ ଅନୁଷ୍ଠିତ ହେଉଛି । କାର୍ତ୍ତିକେଶ୍ୱରଙ୍କର ପୂଜା ଶନିବାର ଶେଷ ହେବାକୁ ଥିବାବେଳେ ଭସାଣି ଉତ୍ସବ ଆସନ୍ତା ୧୭ ତାରିଖ ଦିନ ହେବ । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ ଆୟୋଜନ କରାଯାଉଛି । ଏହି କାର୍ତିକେଶ୍ୱର ପୂଜା କମିଟିର ସଭାପତି ନିରଞ୍ଜନ ମାଝୀ, ସମ୍ପାଦକ ପିଣ୍ଟୁ ମାଝୀ, ବବୁଲ୍ ବିଶ୍ୱାଳ, କଲ୍ୟାଣ ବିଶ୍ୱାଳ, ଉମାକାନ୍ତ ବିଶ୍ୱାଳ, ବିଜୟ କୁମାର ମାଝୀ, ରଣଜିତ୍ ମାଝୀ, ଟୁଟୁ, ଲୁନା ଓ ପୂଜା କମିଟିର ସମସ୍ତ ସଦସ୍ୟ ସାହାଯ୍ୟ ସହଯୋଗ କରିଥିଲେ ।



---

### ● କିଶୋରନଗର ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ

# ‘ନିଜର ପରିଚୟ ନିଜେ ତିଆରି କରିବା ପାଇଁ ଅଙ୍ଗୀକାରବଦ୍ଧ ହେବା ଆବଶ୍ୟକ’

କିଶୋରନଗର, ୧୪।୧୧(ସମିସ): କିଶୋରନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ତିନିଜଣ ପୁରାତନ ଛାତ୍ର ଯଥା କନକ୍ ନ୍ୟୁଜର ପଲିଟିକାଲ୍ ରିପୋର୍ଟର ନବ କିଶୋର ସାହୁ, ଏମ୍‌ସିଏଲ୍‌ରେ କାର୍ଯ୍ୟରତ ଚାର୍ଟାଡ ଆକାଉଣ୍ଟାଣ୍ଟ ଦୀପକ ଶଙ୍କର ପ୍ରଧାନ ଓ ବୀର ସୁରେନ୍ଦ୍ର ସାଏ ମେଡ଼ିକାଲ କଲେଜରେ ଅଧ୍ୟୟନରତ ଡାକ୍ତରୀ ଛାତ୍ର ଲିଙ୍କନ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ପ୍ରମୋଦିନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ବିନାୟକ ଦେହୁରୀ, ଭୈରବ କୁମାର ଦେହୁରୀ, ପ୍ରସନ୍ନ ପ୍ରଧାନ, ସୁନୀଲ ଦଳାଇ, ଜାଗ୍ରତ କୁମାର ସ୍ୱାଇଁ, ଚିନ୍ମୟ କୁମାର ଧରୁଆ, ମୃତ୍ୟୁଞ୍ଜୟ ଦୀପ, ହେମା ଦେଇ, ମଞ୍ଜୁ କଅଁର, ସୁଧୀର କୁମାରଦାର, ସଂଗ୍ରାମ କେଶରୀ ନାୟକ ଓ ସତ୍ୟକାମ ପ୍ରଧାନ ପ୍ରମୁଖ ନେହେରୁଙ୍କ ଜୀବନ ଦର୍ଶନ ଉପରେ ଆଲୋଚନା କରିଥିଲେ । ଛାତ୍ରୀ ଡାଜଲିଙ୍ଗ୍ ବିଶ୍ୱାଳ ଓ ଅର୍ଚ୍ଚିତା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ବ୍ରାହ୍ମଣୀ, ବୈତରଣୀ, ମହାନଦୀ ଓ ସୁବର୍ଣ୍ଣରେଖା ହାଉସର ସଭ୍ୟ ସଭ୍ୟା ମାନଙ୍କ ଦ୍ୱାରା ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଇକୋ କ୍ଲବର ଛାତ୍ରଛାତ୍ରୀମାନେ ସଂସ୍କାରମୂଳକ ନାଟକ ପରିବେଷଣ କରିଥିଲେ ।

---

# ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

କିଶୋରନଗର, ୧୪।୧୧(ସମିସ): ଗତ ରାତିରେ କିଶୋରନଗର ଥାନା ପାଣ୍ଡୁରୀପଥର ପେଟ୍ରୋଲ ପମ୍ପ ନିକଟରେ ଏକ ଅଜଣା କୁକୁଡ଼ା ଚିଆ ବୋଝେଇ ପିକ୍‌ଅପ ଭ୍ୟାନ ଧକ୍କାରେ ଜଣେ ବାଇକ୍ ଆରୋହୀର ମୃତ୍ୟୁ ହୋଇଛି । ରେଢ଼ାଖୋଲ ଥାନା ଝିଙ୍କିଦାଦର ଗ୍ରାମର ନରେନ୍ଦ୍ର ପ୍ରଧାନ(୩୩) ଓଡ଼ି ୧୫ଡବ୍ଲୁ ୧୭୩୩ ବାଇକ୍ ଯୋଗେ ଝାମ୍ପୁଲୀରୁ କିଶୋରନଗର ଦେଇ ଝିଙ୍କିଦାଦର ଯାଉଥିବା ବେଳେ ପାଣ୍ଡୁରୀପଥର ପେଟ୍ରୋଲ ପମ୍ପ ନିକଟରେ ବିପରିତ ଦିଗରୁ ଆସୁଥିବା ଏକ ଅଜଣା ଖାଲି କୁକୁଡ଼ା ଚିଆଁ ପିକ୍‌ଅପ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା । ଘଟଣା ସ୍ଥଳରେ ନରେନ୍ଦ୍ରର ମୃତ୍ୟୁ ହୋଇଥିଲା । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି । ପିକ୍‌ଅପ୍ ଭ୍ୟାନ ଘଟଣାସ୍ଥଳରୁ ଫେରାର ମାରିଥିଲା । ପୁଲିସ ଆଜି ଶବକୁ ହଣ୍ଡପା ପଠାଇ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି ।

# ସାମ୍ବାଦିକଙ୍କ ମାତୃ ବିୟୋଗ



କିଶୋରନଗର, ୧୪।୧୧(ସମିସ): କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳର ସାମ୍ବାଦିକ ସଞ୍ଜୟ ସାହୁଙ୍କ ମା’ କମଳା ସାହୁଙ୍କର ଗତକାଲି ନିଜ କଦଳୀମୁଣ୍ଡାସ୍ଥିତ ବାସଭବନରେ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା । ସେ ଜଣେ ଧର୍ମପରାୟଣା, ମେଳାପୀ, ଅମାୟିକା ମହିଳା ଭାବେ ବେଶ ପରିଚିତ ଥିଲେ । ତାଙ୍କର ମୃତ୍ୟୁ ଖବରପାଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କର ଅନ୍ତିମ ଶଯ୍ୟାରେ ପୁଅ ଅଜୟ, ବିଜୟ, ସଞ୍ଜୟ, ଝିଅ କଳ୍ପନା, ଜ୍ୱାଇଁ ପପିଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ ।

---

### ■ ଶିଶୁ ଦିବସ ସମାରୋହରେ ପୁରସ୍କାର ବିତରଣ ଉତ୍ସବ

# ପିଲାଏ କଲେ ନୃତ୍ୟ, ଶିକ୍ଷକ କଲେ ଡ୍ରାମା

ଅନୁଗୋଳ, ୧୪।୧୧(ସମିସ): ସରସ୍ୱତୀ ବିଦ୍ୟାମନ୍ଦିର ନାଲକୋନଗର ଅନୁଗୋଳଠାରେ ଅଧ୍ୟକ୍ଷ ଡକ୍ଟର ଶତ୍ରୁଘ୍ନ ବେହେରାଙ୍କ ତତ୍ତ୍ୱାବଧାନରେ ଶିଶୁଦିବସ ଓ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସୁଧାଂଶୁଶେଖର ପାତ୍ର, (ଜିଜିଏମ କୋଲ ମାଇନ୍ସ), ସମ୍ମାନିତ ଅତିଥିଭାବେ ସତ୍ୟବାଦୀ ମିଶ୍ର (ଜିଜିଏମ ଓଆଣ୍ଡ ଏମ ସିପିପି), ପ୍ରସନ୍ନ କୁମାର ସାହୁ (ଜିଏମ୍‌ଏଚ୍‌ଆଣ୍ଡଏ) ଅଜିତ କୁମାର ସ୍ୱାଇଁ (ଜିଏମ ଫାଇନାନ୍ସ), ବିଦ୍ୟାଳୟର ସମ୍ପାଦକ ପ୍ରଭାତ କୁମାର ଧର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସାଫଲ୍ୟ ମଣ୍ଡିତ ହୋଇଥିଲା । ଶେଷରେ ଉପାଧ୍ୟକ୍ଷା ଶ୍ରୀମତି ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କୁ ମ୍ରିନ ବଣ୍ଟନ କରାଯାଇଥିଲା । ଉତ୍ସବରେ ଶିଶୁଦିବସ ଉପଲକ୍ଷେ ଛାତ୍ରୀ ସୁଶ୍ରୀ ସ୍ୱର୍ଣ୍ଣପ୍ରଭା ଚାନ୍ଦ, ଶ୍ରେୟାଂଶୀ ମିଶ୍ର, ସୀମରନ ପୃଷ୍ଟି ଚାଚା ନେହେରୁଙ୍କ ଜୀବନୀ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ବଲପୁରୀ ଲୋକ ନୃତ୍ୟ, କୃଷି ଓ କୃଷକ ଉପରେ ଆଧାରିତ, ଆଜିର ସମାଜରେ ଜମିଦାରୀ ଖାନଦାନର ଅହଂକାରକୁ ନେଇ ନାଟକ ‘ତୃଷ୍ଣା’ ଅଧ୍ୟକ୍ଷ ଡକ୍ଟର ଶତ୍ରୁଘ୍ନ ବେହେରା ଜଣେ ସାଧାରଣ ଚାଷୀ ବେଶଭୁଷା ହୋଇ ନିଖୁଣ ଅଭିନୟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସରୋଜ କାନୁନଗୋ ଜମିଦାର ଚରିତ୍ର, ଶିକ୍ଷୟତ୍ରି ଅର୍ଚ୍ଚନା ତ୍ରିପାଠୀ ଚାଷୀ ଘର ଝିଅ, ଶିକ୍ଷକ ଉଦ୍ଧବ ଚନ୍ଦ୍ର ପାତ୍ର ଜମିଦାରଙ୍କ ପୁଅ ଭୂମିକାରେ ଏବଂ କାର୍ଯ୍ୟାଳୟ କର୍ମଚାରୀ ଚନ୍ଦନ ସମାଲ ଜମିଦାରଙ୍କ ସୁରକ୍ଷା କର୍ମୀ ଭୂମିକାରେ ଅଭିନୟ କରିଥିଲେ । ନାଟକକୁ ରଚନା ଓ ନିର୍ଦ୍ଦେଶନା କରିଥିଲେ ଅନିଲ କୁମାର ବିଶ୍ୱାଳ । ବାର୍ଷିକ ପୁରସ୍କାର ବିତରଣରେ ପ୍ରତ୍ୟେକ ଶ୍ରେଣୀର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯିବା ସହିତ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅନିଲ କୁମାର ବିଶ୍ୱାଳ, ଅହିଂସା ପ୍ରୀୟଦର୍ଶିନୀ ସେନାପତି ଓ ଛାତ୍ରୀ ନଜମା ଓ ଶୁଭଶ୍ରୀ ।





---

# ହିଙ୍ଗୁଳା ପୀଠରେ ମହାଚଣ୍ଡୀ ଯଜ୍ଞ

ତାଳଚେରସଦର, ୧୪।୧୧ (ସମିସ): ପବିତ୍ର କାର୍ତ୍ତିକ ପଞ୍ଚୁକର ଶୁଭ ଅବସରରେ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା’ ହିଙ୍ଗୁଳାଙ୍କ ଗୋପାଳପ୍ରସାଦ ପୀଠ ପରିସରରେ ୫ ଦିନ ବ୍ୟାପୀ ୩୯ ତମ ମହାଚଣ୍ଡୀ ଯଜ୍ଞ ଆରମ୍ଭ ହୋଇଯାଇଛି । ଏହି ଅବସରରେ ରବିବାର ଅପରାହ୍ନରେ ଶତାଧିକ ଶ୍ରଦ୍ଧାଳୁ ନିକଟସ୍ଥ ନଦୀରୁ ପବିତ୍ର ଜଳ କଳସକୁ ଆଣି ମା’ ହିଙ୍ଗୁଳାଙ୍କ ପୀଠ ପରିସରରେ ଥିବା ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ପୌରୋହିତ୍ୟରେ ବନବିହାରୀ ଦାସ, ମିଳନ ଦାସ, ସୁଭାଷ ଚନ୍ଦ୍ର ନନ୍ଦ, ଚନ୍ଦ୍ରଶେଖର ମହାପାତ୍ର, ସୁନୀଲ କୁମାର ରଥ, ଉତ୍ପଳ ତ୍ରିପାଠୀ, ସନ୍ଦେଶ ପାଣିଗ୍ରାହୀ, ଅଶ୍ୱିନ କୁମାର ମିଶ୍ର, ସୁଗ୍ରୀବ କର, ମୀନକେତନ ମିଶ୍ର, ବିଷ୍ଣୁ ପ୍ରସାଦ, ପବିତ୍ର ମୋହନ ନାଥ ପ୍ରମୁଖ ଯଜ୍ଞକାର୍ଯ୍ୟ ପରିଚାଳନା କରୁଛନ୍ତି । ଯଜ୍ଞକର୍ତ୍ତା ଭାବରେ ସଞ୍ଜୟ କୁମାର ସାହୁ, ତାଙ୍କ ଧର୍ମପତ୍ନୀ ଅଞ୍ଜଳୀ ସାହୁ, ଲକ୍ଷ୍ମୀକାନ୍ତ ସାମଲ ଓ ତାଙ୍କ ଧର୍ମପତ୍ନୀ ସୁକନ୍ୟା ଖଣ୍ଡୁଆଳ, ଗୋବର୍ଦ୍ଧନ ସାହୁ ଓ ତାଙ୍କ ଧର୍ମପତ୍ନୀ ଭାରତୀ ସାହୁ, ଗଜେନ୍ଦ୍ର କୁମାର ସିଂହ ପ୍ରମୁଖ ଦାୟିତ୍ୱ ନିର୍ବାହ କରୁଛନ୍ତି । ଏହି ଯଜ୍ଞ ଦେଖିବା ପାଇଁ ମା ହିଙ୍ଗୁଳାଙ୍କ ପୀଠରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଅଛି । ସମସ୍ତ ଶ୍ରଦ୍ଧାଳୁଙ୍କ ନିମନ୍ତେ ମା ହିଙ୍ଗୁଳାଙ୍କ ଅନ୍ନପ୍ରସାଦ ମାଗଣାରେ ବିତରଣ କରାଯାଉଛି । ଚଳିତ ମାସ ୧୫ ତାରିଖ ଦିନ ସପ୍ତସତୀ ମହାଚଣ୍ଡୀ ଯଜ୍ଞ ଓ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରାଯାଇଛି । ମା’ ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ସଦସ୍ୟ ଜଗମୋହନ ଗଡ଼ନାୟକ, ରାଜେନ୍ଦ୍ର ସିଂହ, ମୂରଲୀଧର ସାହୁ, ସଞ୍ଜୟ ସାହୁ, ଗଗନ ବିହାରୀ ସାହୁ, ଅରୁଣ କୁମାର ପ୍ରଧାନ, ସୌଭାଗ୍ୟ ଚନ୍ଦ୍ର ପ୍ରଧାନଙ୍କ ସମେତ ଗୋପାଳପ୍ରସାଦ ଗ୍ରାମବାସୀ ଯଜ୍ଞ କାର୍ଯ୍ୟରେ ସକ୍ରିୟ ସହଯୋଗ କରୁଛନ୍ତି । ଦୀର୍ଘ ୩୮ ବର୍ଷ ହେଲା ଏହି ଯଜ୍ଞ ମା ହିଙ୍ଗୁଳା ବିଶ୍ୱଶାନ୍ତ ଯଜ୍ଞାନୁଷ୍ଠାନ ଓ ଗୋପାଳପ୍ରସାଦ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଛି ।



---

### ବୋଇତ ବନ୍ଦାଣ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ଲୋକଗୀତର ତାଳେ ତାଳେ ଝୁମିଲେ ଦର୍ଶକ





ଅନୁଗୋଳ, ୧୪।୧୧(ସମିସ)

ଅଗ୍ରଣୀ ସେବା ଓ ସାଂସ୍କୃତିକ ଅନୁଷ୍ଠାନ କଳାକାରଙ୍କ ଦ୍ୱାରା ଆୟୋଜିତ ୩୯ତମ ବୋଇତ ବନ୍ଦାଣ ମହୋତ୍ସବ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାର ଆଜି ଥିଲା ଦ୍ୱିତୀୟ ଦିବସ । ଆଜି ସକାଳେ ଓଡ଼ିଶୀ ନୃତ୍ୟ ଗୁରୁ ପିତାମ୍ବର ବିଶ୍ୱାଳ, ଓଡ଼ିଶୀ କଣ୍ଠ ଶିଳ୍ପୀ ଜୀବନାନନ୍ଦ ବରାଳ ଓ ଶାସ୍ତ୍ରୀୟ ତାଳ ବାଦ୍ୟ ଗୁରୁ ସୌମ୍ୟ ରଂଜନ ମହାନ୍ତି ଦୀପ ପ୍ରଜ୍ୱଳନ କରି ବିଭିନ୍ନ ପ୍ରତିଯୋଗିତାକୁ ଆରମ୍ଭ କରିଥିଲେ । କିବୋର୍ଡ଼, ତବଲା, ଏକକ ଓ ଦଳଗତ ଲୋକନୃତ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଦୁଇ ଶହରୁ ଅଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ସନ୍ଧ୍ୟାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ପୂର୍ବତନ ନଗରପାଳ ଅନୁଗୋଳଶକ୍ତି ପ୍ରସାଦ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ବ୍ୟବସାୟୀ କମଲେସ ବର୍ମା ଯୋଗ ଦେଇଥିଲେ । ମୁଖ୍ୟ ଉପଦେଷ୍ଟା ଭୂପେଶ ଚନ୍ଦ୍ର ପ୍ରଧାନ, କୃଷ୍ଣଚନ୍ଦ୍ର ଦାସ, କ୍ଷୀରୋଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ସଭା ପରେ ଦଳଗତ ଲୋକ ନୃତ୍ୟରେ ଦର୍ଶକ ବିମୋହିତ ହୋଇଥିଲେ । ସମ୍ବଲପୁରୀ, ବିହୁ, ଆସାମୀ, ଆଦିବାସୀ ଗୀତର ତାଳେ ତାଳେ ପ୍ରତିଯୋଗୀଙ୍କ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ବୁଧବାର ଆୟୋଜିତ ରଙ୍ଗଭରୋ ଶିଶୁ ବର୍ଗରେ ସୁଶିକ୍ଷା ସାମନ୍ତିଆ, ସାନଭି ଶ୍ରୀପର୍ଣ୍ଣ ଦାସ, ଭବନୀତ ସାହୁ, ସର୍ବ କନିଷ୍ଠ ବର୍ଗରେ ଅଂଶୁମାନ ନନ୍ଦ, ଦିଶା ଦିବ୍ୟାକ୍ସି, ସ୍ମିକ୍ତ ସାହୁ, ଚିତ୍ରାଙ୍କନ ସର୍ବ କନିଷ୍ଠ ବର୍ଗରେ ପ୍ରୟାସ ପ୍ରଜ୍ଞାନ ସାହୁ, ଅଂଶୁମାନ ନନ୍ଦ, ଅରମାନ ପାତ୍ର, କନିଷ୍ଠ ବର୍ଗରେ ପ୍ରିୟାନସି ପରିସ୍ମା ଦେହୁରୀ, ନିରାଲି ମିଶ୍ର, ଶୋୟମ୍ ଶ୍ରୀ ସାହୁ, ଓଡ଼ିଶୀ ଏକକ ନୃତ୍ୟ ସର୍ବ କନିଷ୍ଠ ବର୍ଗରେ ଶ୍ରେୟନସି ମହାରଣା, ଶ୍ରେୟନସି ରାଉତ, ପୁରବୀ ପୁର୍ଣ୍ୟଭି, କନିଷ୍ଠ ବର୍ଗରେ ପ୍ରୀତି ପ୍ରଜ୍ଞା ପରିନିତା, ପୋଲୋମି ଦାସ, ସ୍ନେହା ମହାତୋ, ଏକକ ଲଘୁ ନୃତ୍ୟ ସର୍ବ କନିଷ୍ଠ ବର୍ଗରେ ଆରୋହୀ ମିସ୍ତ୍ରୀ, ରାଜଲକ୍ଷ୍ମୀ ଥମ୍ବ, ସୋମାଲକ୍ଷ୍ମୀ ପ୍ରଧାନ, କି ବୋର୍ଡ଼ ସର୍ବ କନିଷ୍ଠ ବର୍ଗରେ ରେଗାନ ସି ସେନାପତି, ଅଭିଜ୍ଞାନ ଲେଙ୍କା, ସାର୍ଥକ ପ୍ରିୟଦର୍ଶୀ ଏବଂ କନିଷ୍ଠ ବର୍ଗରେ ଜ୍ୟୋତି ରଞ୍ଜନ ପ୍ରଧାନ, ଏସ କେ ରାୟନ ୟୁସଫ, ରୁଦ୍ରାନ୍ସ ଦାସ, ତବଲା କନିଷ୍ଠ ବର୍ଗରେ କୁମାର ଓଁ ଶଙ୍କର, ପ୍ରିୟାଂଶୁ ପ୍ରିୟବ୍ରତ, ଜଗଦୀଶ ପ୍ରସାଦ ବାରିକ, ଏକକ ଲଘୁନୃତ୍ୟ କନିଷ୍ଠ ବର୍ଗରେ ସ୍ନେହା ମହାତୋ, ପୋଲୋମି ଦାସ, ଏହାନି ମିଶ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ । ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ର ନାରାୟଣ ପାଣି ଓ ସମ୍ମାନିତ ଅତିଥି ଭାବରେ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହା ସହିତ ଓଡ଼ିଶାର ସୁନାମଧନ୍ୟ କଣ୍ଠ ଶିଳ୍ପୀ ତାନସେନ ସିଂ ଯୋଗଦେବେ ବୋଲି ଅନୁଷ୍ଠାନର ସଭାପତି ବୀରେନ୍ଦ୍ର କୁମାର ପ୍ରଧାନ ସୂଚନା ଦେଇଛନ୍ତି । ବୈରାଗୀ ଚରଣ ମଲ୍ଲୀକ ମଞ୍ଚ ପରିଚାଳନା କରିଥିଲେ । ସମ୍ପାଦକ ବିଭୂତି ଭୂଷଣ ମହାପାତ୍ର ଧନ୍ୟବାଦ ଦେଇଥିଲେ ।

### ଶିକ୍ଷକ ବଦଳିକୁ ନେଇ ଶିଶୁ ଦିବସରେ ତେଜିଲା ଛାତ୍ର ଆନ୍ଦୋଳନ

# ବିଦ୍ୟାଳୟରେ ତାଲାପକାଇ ଧାରଣାରେ ବସିଲେ ଛାତ୍ରଛାତ୍ରୀ

ଜଗତସିଂହପୁର,୧୪।୧୧(ସମିସ):



ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକରେ ଶିକ୍ଷକ ବଦଳିକୁ ନେଇ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍କୁଲର ବିଜ୍ଞାନ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବାରୁ ତାଙ୍କୁ ସ୍କୁଲକୁ ଫେରାଇ ଆଣିବା ଦାବିରେ ଦେଉଳିସାହି ସିଦ୍ଧେଶ୍ୱରୀ ସରକାରୀ ଉପ୍ରାବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ସ୍କୁଲ ଗେଟରେ ତାଲା ପକାଇବା ସହିତ ଧାରଣାରେ ବସିଥିବା ଦେଖିବାକୁମିଳିଛି।

ଖବରରୁ ପ୍ରକାଶ, ଆଜି ବିଭିନ୍ନ ସ୍ଥାନରେ ଶିଶୁ ଦିବସ ପାଳିତ ହେଉଥିବା ସମୟରେ, ସିଦ୍ଧେଶ୍ୱରୀ ସରକାରୀ ଉପ୍ରା ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ଦିବସ ପାଳନରୁ ଦୂରେଇ ଯାଇଛନ୍ତି। ସ୍କୁଲର ବିଜ୍ଞାନ ଶିକ୍ଷକ ବିଜୟ କୁମାର ବେହେରାଙ୍କର ଅନ୍ୟତ୍ର ବଦଳି କରାଯାଇଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ପିଲାମାନେ ସ୍କୁଲର ଫାଟକରେ ତାଲା ପକାଇ ସ୍କୁଲ ସମ୍ମୁଖରେ ଧାରଣାରେ ବସିଥିଲେ। ଏହି ବଦଳି ବିରୋଧରେ ନାରା ଦେବା ସହିତ ଶିକ୍ଷକଙ୍କୁ ସ୍କୁଲକୁ ଫେରାଇ ଦେବାକୁ ଦାବି କରିଥିଲେ। ସେହିପରି ଏହିଧାରଣାରେ ଛାତ୍ର ଅଭିଭାବକ ଓ ସ୍କୁଲ ପରିଚାଳନା କମିଟିର ସଭ୍ୟସଭ୍ୟା ଯୋଗଦେଇଥିବା ଦେଖିବାକୁ ମିଳିଛି। ପିଲାମାନଙ୍କ ଭବିଷ୍ୟତ ଦୃଷ୍ଟିରୁ ବଦଳି ହୋଇଥିବା ଶିକ୍ଷକଙ୍କୁ ଏହି ସ୍କୁଲକୁ ଫେରାଇ ଆଣିବାକୁ ସେମାନେ ଦାବି କରିଛନ୍ତି। ଶିକ୍ଷକଙ୍କ ବଦଳି ଆଦେଶ ବାତିଲ ନହେବା ଯାଏ ଏହି ଧାରଣା ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ନ୍ୟାସନାଲ ସ୍କୁଲରେ ଶିଶୁ ଦିବସ ପାଳିତ

କୁଜଙ୍ଗ,୧୪।୧୧(ସମିସ): କୁଜଙ୍ଗସ୍ଥିତ ନ୍ୟାସନାଲ ସ୍କୁଲ ପରିସରରେ ନ୍ୟାସନାଲ ସ୍କୁଲ ଓ ସେଣ୍ଟ ଜାଭିଅର୍ ଇଣ୍ଟରନ୍ୟାସନାଲ ସ୍କୁଲର ମିଳିତ ଭାବେ ଦିବସ ବ୍ୟାପି ଶିଶୁ ଦିବସ କାର୍ଯ୍ୟକ୍ରମ, ବିଭିନ୍ନ ପ୍ରତିଯୋଗୀତା, ନୃତ୍ୟ, ସଂଗୀତ, ଅଭିନୟ, ତର୍କ, କୁଇଜ୍ ଆଦି ଅନୁଷ୍ଠିତ ହେବା ସହ ସମସ୍ତ ଶିଶୁ ମାନଙ୍କୁ ସମ୍ମାନୀତ କରାଯାଇଛି। ନ୍ୟାସନାଲସ୍କୁଲର ଅଧକ୍ଷା ପ୍ରମିଳା ନନ୍ଦଙ୍କ ପୌରହିତ୍ୟରେ ଏହି ଉତ୍ସବରେ ମୁଖ୍ୟ ଅତିଥିରୂପେ ବିଶିଷ୍ଟ ଶିକ୍ଷାବିତ୍ ତଥା ପ୍ରାକ୍ତନ




ପ୍ରଧାନ ଶିକ୍ଷକ ସରୋଜ କୁମାର ବେହେରା କହିଥିଲେ ସାଧୁତା, ପରିଶ୍ରମ, ସମୟନୁବର୍ତ୍ତୀତା, ପିତା ମାତା ଗୁରୁଜନଙ୍କୁ ସମ୍ମାନ ପ୍ରତି ଶିଶୁଙ୍କ ଧେୟ ହେଉ। ବିଦ୍ୟାଳୟର ଚେୟାରମ୍ୟାନ ଡଃ ରଘୁନାଥ ସାହୁଙ୍କ ସଂଯୋଜନାରେ ଏହି ସମାବେଶରେ ମୁଖ୍ୟବକ୍ତା ରୂପେ ୟୁସି ମହାବିଦ୍ୟାଳୟର ଅଧକ୍ଷ ଡଃ ପ୍ରତାପ ଚନ୍ଦ୍ର ମହାପାତ୍ର, ପ୍ରାକ୍ତନ ଅଧକ୍ଷ ଡଃ ଗଙ୍ଗାଧର ସାମନ୍ତରାୟ, ଉତ୍କଳ ସାହିତ୍ୟ ସମାଜର ଉପସଭାପତି ତଥା ସାମ୍ବାଦିକ ଜୀବନାନନ୍ଦ ଅଧିକାରୀ ଓ ବିଭୂତି ଭୂଷଣ ଦାସ ଯୋଗ ଦେଇ ପିଲାମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉତ୍ସାହ ଦେବା ସହ ସବୁ ଶିଶୁମାନଙ୍କୁ ସମ୍ମାନୀତ କରିଥିଲେ। ଶେଷରେ ସେଣ୍ଟ ଜାଭିଅର୍ ଇଣ୍ଟରନ୍ୟାସନାଲ ସ୍କୁଲର ଅଧକ୍ଷ ସୁଧାକର ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ।

## ଡିଏଭି ପବ୍ଲିକ ସ୍କୁଲରେ ଶିଶୁ ଦିବସ ଓ ବାର୍ଷିକ ପ୍ରଦର୍ଶନୀ

ପାରାଦୀପ, ୧୪।୧୧ (ସମିସ):




ଆଜି ଗୁରୁବାର ଅପରାହ୍ନରେ ପିପିଏଲ୍ ସ୍ଥିତ ଡିଏଭି ସ୍କୁଲ ପରିସରରେ ଶିଶୁ ଦିବସ ଅବସରରେ ବାର୍ଷିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରାର୍ଥନା ସଭାରେ ଶିଶୁ ଦିବସ ଉପଲକ୍ଷେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ସଂଗୀତ, ନୃତ୍ୟ ତଥା ମନୋରଞ୍ଜନ ଧର୍ମୀ କାର୍ଯ୍ୟମାନ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପିପିଏଲର ମାନବ ସମ୍ବଳ ବିଭାଗର ମୁଖ୍ୟ ପ୍ରବନ୍ଧକ ରଜନୀଶ ଭରଦ୍ୱାଜ ମୁଖ୍ୟ ଅତିଥି ଏବଂ ପାଲାନି ସାମି ଭେଲୁସାମି(ସିଇଓ ତଥା ୟୁନିଟ ହେଡ୍) ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ତାଙ୍କ ସହିତ ମାନବସମ୍ବଳ ବିଭାଗର ପ୍ରବନ୍ଧକ ସୁମିତ କୁମାର ସେନାପତି ଓ ପିପିଏଲର ବରିଷ୍ଠ ପଦାଧିକାରୀମାନେ ଅତିଥି ରୂପେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ ସଞ୍ଜୀବ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଉତ୍ସବରେ ଅତିଥି ତଥା ପ୍ରଦର୍ଶନୀର ବିଚାରପତିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଦର୍ଶନୀରେ ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ ଓ ଚିତ୍ରକଳାର ପ୍ରାୟ ଦୁଇଶହଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଅତିଥିଗଣ ପ୍ରଦର୍ଶନୀସ୍ଥଳ ବୁଲି ଦେଖିଥିଲେ ଏବଂ ପିଲାମାନଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସମ୍ବିତ ସ୍ୱାଇଁ ବିଜ୍ଞାନ ପ୍ରଦର୍ଶନୀ ସମ୍ପର୍କରେ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଜୟଦେବ ଚକ୍ରବର୍ତ୍ତୀ ଓ ଶିକ୍ଷକ ଦୋଳମଣୀ ବେସନ କାର୍ଯ୍ୟକ୍ରମର ଉପସ୍ଥାପନା କରିଥିଲେ। ଦୁଇ ମାଧ୍ୟମର ତତ୍ତ୍ୱାବଧାରକ ବୃନ୍ଦାବନ ରାଉତ ଓ ମହେଶ୍ୱର ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସୁଚାରୁ ରୂପେ ପରିଚାଳିତ ହୋଇଥିଲା। ପ୍ରଦର୍ଶନୀର ଆୟୋଜନରେ ଡି.ଏ.ଭି ଓଡିଶା ଜୋନର ଆଞ୍ଚଳିକ ନିର୍ଦ୍ଦେଶକ ଡ଼କ୍ଟର କେ.ସି. ଶତପଥୀ, ଆଞ୍ଚଳିକ ଅଧିକାରୀ ଡ଼କ୍ଟର ସୁଜାତା ସାହୁ ପ୍ରଶଂସା କରିଥିଲେ।

## ମରାମତି ହେଉନି ପାରେଶ୍ୱରପୁର ଗାଁ ରାସ୍ତା

କୁଜଙ୍ଗ,୧୪।୧୧(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତର ସନ୍ତରା ଗଡାଠାରୁ ପାରେଶ୍ୱରପୁର ଗ୍ରାମକୁ ଯାଇଥିବା ରାସ୍ତା ଏବେ ଶୋଚନୀୟ ହୋଇପଡିଛି। ଦୀର୍ଘଦିନ ହେବ ମରାମତି ହୋଇନଥିବାରୁ ରାସ୍ତାରେ ଖାଲ ଖମା ହୋଇଯାଇଛି। ଏହି ରାସ୍ତା ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀଙ୍କୁ ବହୁବାର ଅଭିଯୋଗ କରୁଥିଲେ ମଧ୍ୟ ସ୍ଥିତିରେ କୌଣସି ସୁଧାର ଆସୁନଥିବା ଅଭିଯୋଗ କରିଛନ୍ତି ଅବନାଘରର ପ୍ରତିଷ୍ଠାତା ଗିରିଧାରୀ ସାହୁଙ୍କ ସହ ଗ୍ରାମବାସୀ ସୁଧାକର



ରାଉତ, ନିରଞ୍ଜନ ସାମଲ, କୁଶା ସାମଲ, ବୀର ପରିଡା, ନୀର ରାଉତ, ଦିଲୀପ ଖଟୁଆ, ଗଦାଧର ଦାସ, ଶୁକଦେବ ଦାସ, କେଶବ ଦାସ ପ୍ରମୁଖ। ରାସ୍ତା ଖାଲଖମାରେ ଭର୍ତ୍ତି ହେବା ଯୋଗୁ ବର୍ଷାଦିନ ଯାତାୟରେ ବାଧା ଦେଖା ଦେଇଥିବା ବେଳେ ଏବେ ଆବଡା ଖାବଡା ଯୋଗୁ ପ୍ରତ୍ୟହ ଦୁର୍ଘଟଣା ମାନ ଘଟୁଥିବା ଅଭିଯୋଗ ହୋଇଛି। ଏହି ନେଇ ଗ୍ରାମବାସୀ ଜିଲ୍ଲାପାଳ ତଥା ଶିକ୍ଷ ମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରିଥିବା ସୂଚନା ମିଳିଛି।

## ଭାରତୀୟ ତଟରକ୍ଷକ ପକ୍ଷରୁ ପ୍ରଦୂଷଣ ପ୍ରତିସାଧନ ମକ୍ଡ୍ରିଲ୍

ପାରାଦୀପ, ୧୪।୧୧(ସମିସ): ଭାରତୀୟ ତଟରକ୍ଷକ ଜିଲ୍ଲା ମୁଖ୍ୟାଳୟ ସଂଖ୍ୟା ୭, ଓଡ଼ିଶା, ତଟରକ୍ଷକ କ୍ଷେତ୍ରୀୟ ମୁଖ୍ୟାଳୟ (ଉତ୍ତର-ପୂର୍ବ) ଅଧୀନରେ ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ପାରାଦୀପରେ କ୍ଷେତ୍ରୀୟସ୍ତରୀୟ ପ୍ରଦୂଷଣ ପ୍ରତିସାଧନ ମକ୍ଡ୍ରିଲ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମୁଦ୍ରରେ ତୈଳ ପ୍ରଦୂଷଣ ଓ ଅନ୍ୟାନ୍ୟ ସାମୁଦ୍ରିକ ପ୍ରଦୂଷଣ ଘଟଣାର ପ୍ରତିସାଧନ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ପ୍ରସ୍ତୁତି ଓ ସମନ୍ୱୟକୁ ବୃଦ୍ଧି କରିବା। ଏହି ଅଭ୍ୟାସରେ କ୍ଷେତ୍ରୀୟ ସ୍ତରର ପ୍ରତିଷ୍ଠାନ ପାରାଦୀପ ବନ୍ଦର ପ୍ରାଧିକରଣ, ଧାମରା ବନ୍ଦର, ଗୋପାଳପୁର ବନ୍ଦର, ଭାରତୀୟ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ,



ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ, ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ ଓ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଯୋଗ ଦେଇଥିଲେ। ତିନିଦିନର ଏହି ଅଭ୍ୟାସରେ ବୃତ୍ତିଗତ ଉପସ୍ଥାପନା, ଆଲୋଚନା ଓ ପାରାଦୀପ ଉପକୂଳରେ ଥିବା ଭାରତୀୟ ତଟରକ୍ଷକ ଜାହାଜରେ ଏକ ମକଡ୍ରିଲ୍ ଅନୁଷ୍ଠିତ ହୋଇଥିଲା।

## ଜନାପଳରେ ରାହାସ ଉତ୍ସବ

କୁଜଙ୍ଗ,୧୪।୧୧(ସମିସ): କୁଜଙ୍ଗ ବ୍ଲକ ପଙ୍କପାଳ ପଞ୍ଚାୟତ ଜନାପାଳ କଳଘର ନିକଟ ମଣ୍ଡପରେ ପ୍ରତିବର୍ଷ ପରି ଚଳିତ ବର୍ଷ ବାବା ତ୍ରିନାଥ ୟୁଥ୍ କ୍ଲବ ପକ୍ଷରୁ ଉତ୍ସାହାର ସହ ରାଧାକୃଷ୍ଣ ପୂଜା ଓ ୨୩ତମ ରାସ ଉତ୍ସବ ପାଳନ କରାଯାଇଛି। ସୋମବାର ସନ୍ଧ୍ୟାରେ ପବିତ୍ର ପଞ୍ଚୁକ ତିଥିରେ ଯୁବକ ସଂଘର ସଦସ୍ୟ ମାନେ ବାଜା ବାଣ ରୋଷଣୀରେ କଳସ ଶୋଭାଯାତ୍ରା ସହ ରାଧାକୃଷ୍ଣଙ୍କୁ ଆବାହନ କରିଥିଲେ। ପରେ ସନ୍ଧ୍ୟାରେ ରାହାସ ଗୀତ ଓ ଭଜନ କିର୍ତ୍ତନରେ ଗ୍ରାମ ପରିବେଶ ଉତ୍ସବ ମୁଖର ହୋଇ ଉଠିଥିଲା। ଏହି ଅବସରରେ



ଯୁବକ ସଂଘର ସଦସ୍ୟ ମାନେ ରାସ୍ତା ଘାଟ ସଫା ସୁତୁରା କରିବା ସହ ଦୀର୍ଘ ଦିନ ହେବ ଏହାର ପ୍ରସ୍ତୁତି କରିଥିଲେ। ପରେ ଗ୍ରାମର ଉନ୍ନତି ଓ ଭାଇଚାରା ବୃଦ୍ଧି ପାଇଁ ରାଧାକୃଷ୍ଣଙ୍କ ନିକଟରେ ପ୍ରାର୍ଥନା ସହ ପୂଜାର୍ଚ୍ଚନା କରାଯାଇଛି। ପାଞ୍ଚଦିନ ବ୍ୟାପି ଉତ୍ସବରେ ଗ୍ରାମର ମୁରବୀ ମାନେ ମଧ୍ୟ ସାମିଲ ହୋଇଛନ୍ତି। ରାସ ଉତ୍ସବ ପରେ ନାମ ସଂକୀର୍ତ୍ତନ ଓ ଭଜନ ମଧ୍ୟ ପରିବେଷଣ କରାଯାଇଛି। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ଏହା ଉଦ୍ଯାପନ କରାଯିବ।

## ରକ୍ତଦାନ ଶିବିର; ୨୧୨ ୟୁନିଟ୍ ସଂଗୃହୀତ

ପାରାଦୀପ, ୧୪।୧୧(ସମିସ)



ପଣ୍ଡିତ ଜବାହାରଲାଲ୍ ନେହେରୁଙ୍କ ୧୩୫ତମ ପୂଣ୍ୟତିଥି ଅବସରରେ ପଣ୍ଡିତ ଜବାହାରଲାଲ୍ ନେହେରୁ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ମଧୁବନସ୍ଥ ଶ୍ରମିକ ଭବନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପୌରାଧକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ।ସମ୍ମାନିତ ଅତିଥିଭାବେ ବନ୍ଦରର ଡିଟିଏମ୍ ତଥା ନାଟ୍ୟ ନିର୍ଦ୍ଦେଶକ ଶ୍ରୀମନ୍ ନାରାୟଣ ମିଶ୍ର, ହୋମିଓପାଥିକ୍ ଚିକିତ୍ସକ ଡା. ଆସିଫ୍, ବିଶିଷ୍ଟ ସମାଜସେବୀ ତଥା ସାରସ୍ୱତଃ ସାଧିକା ହାରାମଣୀ ମହାପାତ୍ର, ପଣ୍ଡିତ ଜବାହାରଲାଲ୍ ନେହେରୁ ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ତଥା ପାରାଦୀପ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ନିରଞ୍ଜନ ନାୟକ ଏବଂ ବରିଷ୍ଠ ସାମ୍ବାଦିକ ଧ୍ରୁବଚରଣ ମହାପାତ୍ର, ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ୍, ତିର୍ତ୍ତୋଲର କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ମଲ୍ଲିକ୍, ବନ୍ଦର ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର୍ ସୁଶାନ୍ତ ସେଠୀ, ଏକଜ୍ୟୁକଟିଭ୍ ଇଞ୍ଜିନିୟର୍ ଗଙ୍ଗାଧର ସେଠୀ ଏବଂ ପାରାଦୀପ ନଗର କଂଗ୍ରେସ ସଭାପତି କେଦାରନାଥ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଟ୍ରଷ୍ଟର ଅଧକ୍ଷ ସରୋଜ ପ୍ରଧାନ ଶିବିରକୁ ପରିଚାଳନା କରିଥିବା ବେଳେ ବିଜୟ ସେଠୀ, କୃପାସିନ୍ଧୁ ଦାସ, ଚନ୍ଦ୍ରଶେଖର ମହାପାତ୍ର, ବିନୋଦ ପ୍ରଧାନ, ପ୍ରେମଲତା ବାରିକ୍, କୌଶଲ୍ୟା ମହାନ୍ତି, ଜ୍ୟୋସ୍ନା ବହିଦାର୍, ବିନତୀ ପଢିଆରୀ, ସଂଘମିତ୍ରା ସ୍ୱାଇଁ, ଧରିତ୍ରୀ ଶାମଲ, ମମତା ଜେନା, ପୁଷ୍ପଲତା ଦାସ୍ ପ୍ରମୁଖ ସହଯୋଗ କରିଥିଲେ। ଏହି ଶିବିରରେ ୨୧୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

## ଆଇନଜୀବୀ ବୀରନାରାୟଣ ପାତ୍ର ସମ୍ମାନିତ



ଜଗତସିଂହପୁର,୧୪।୧୧(ସମିସ): ବାଲିକୁଦା ବ୍ଲକର ଜଣାଶୁଣା ସମାଜସେବୀ ଓ ବରିଷ୍ଠ ଆଇନଜୀବୀ ବୀର ନାରାୟଣ ପାତ୍ରଙ୍କୁ ହାପି ମୋମେଣ୍ଟସ ଇଣ୍ଡିଆ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । ଭୁବନେଶ୍ୱର ଜୟଦେବ ଭବନଠାରେ ଅନୁଷ୍ଠିତ ଉତ୍ସବରେ ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା ଓ ରାଜେନ୍ଦ୍ର ପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତରେ ସଂଗଠନ ପକ୍ଷରୁ ତାଙ୍କୁ ସମ୍ମାନୀତ କରାଯାଇଥିଲା । ଶ୍ରୀ ପାତ୍ର ବୃତ୍ତିରେ ଜଣେ ଆଇନଜୀବୀ ହୋଇଥିବା ବେଳେ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ଜଡିତ ରହିଥିବା ଜଣାପଡିଛି।

## ବିଜ୍ଞାନ ମେଳାରେ ପ୍ରଦ୍ୟାଶା ପ୍ରଧାନ ପ୍ରଥମ

କୁଜଙ୍ଗ,୧୪।୧୧(ସମିସ): କୁଜଙ୍ଗ ବିବି ହାଇସ୍କୁଲର ନବମ ଶ୍ରେଣୀର ଛାତ୍ରୀ ପ୍ରଦ୍ୟାଶା ପ୍ରଧାନ ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ପ୍ରଥମ ହେବା ସହ ଜିଲ୍ଲା ସ୍ତରୀୟ ମେଳାରେ ଭାଗନେବା ପାଇଁ ମନୋନୀତ ହୋଇଛନ୍ତି। ସେ ଗାଣିତିକ ସୂତ୍ର ଓ ଏହାର ପ୍ରୟୋଗ ନେଇ ସହଜ ଓ ସରଳ ଭାବେ ଅବଧାରଣା ପାଇଁ ଏକ ପ୍ରକଳ୍ପ କରି ବିଚାରକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କୁ ଜଗତସିଂହପୁର ସାଂସଦ ଡଃ ବିଭୂ ପ୍ରସାଦ ତରାଇ ଓ ଜିଲ୍ଲା ବିଜ୍ଞାଦ ପରିଦର୍ଶକ ଜୀବନ କୁମାର ସାହୁ ଟ୍ରଫି ଦେଇ ସମ୍ମାନୀତ କରିବା ସହ କୁନି ବୈଜ୍ଞାନିକଙ୍କୁ ଉତ୍ସାହିତ କରିଛନ୍ତି। ପ୍ରଦ୍ୟାଶା ପ୍ରଧାନ(କ୍ରିଷ୍ଣା) କୁଜଙ୍ଗ ବଡଙ୍ଗ ଗ୍ରାମ ନିବାସୀ ଡଃ ପ୍ରବୀର କୁମାର ପ୍ରଧାନ ଓ ଦେବଶ୍ରୀ ପ୍ରଧାନଙ୍କ ଏକ ମାତ୍ର କନ୍ୟା। ନିକଟରେ ସେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପତ୍ର ଲେଖିବା ଏହାର ଉତ୍ତର ପାଇବା ନେଇ ସଭିଙ୍କ ପ୍ରଶଂସା ପାଇଥିଲେ। ଏହି ସଫଳତା ପାଇଁ ନିଜର ଗାଇଡ୍ ଶିକ୍ଷକ, ପ୍ରଧାନ ଶିକ୍ଷକ ଓ ସହପାଠୀଙ୍କ ପ୍ରେରଣାକୁ ଶ୍ରେୟ ଦେଇଛନ୍ତି।

## ସଙ୍କେତପାଟଣା ଓ ରତନପୁରରେ ରାହାସ ଉତ୍ସବ

ତିର୍ତ୍ତୋଲ,୧୪।୧୧(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସଅଁରା ଗ୍ରାମପଞ୍ଚାୟତ ସଙ୍କେତପାଟଣା ଓ ରତନପୁର ଗ୍ରାମରେ ଶରତ ରାସ ଉତ୍ସବ ମହାଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି ରାସ ଉତ୍ସବ ୪୩ ବର୍ଷ ହେବ ଦୁଇ ଗ୍ରାମର ଗ୍ରାମବାସୀଙ୍କ ସହଯୋଗରେ ପାଳନ କରାଯାଉଛି। କାର୍ତ୍ତିକ ଶୁକ୍ଳପକ୍ଷ ଦଶମୀ ଦିନ ରାଧାକୃଷ୍ଣଙ୍କ ମୂର୍ତ୍ତି ପ୍ରତିଷ୍ଠା ପଣ୍ଡିତ ଶ୍ରୀକାନ୍ତ ରଥଶର୍ମାଙ୍କ ଦ୍ୱାରା କରାଯିବା ପରେ ରାସଲୀଳା ଆରମ୍ଭ ହୋଇଥିଲା। ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ବୟୋଜ୍ୟେଷ୍ଠ ବ୍ୟକ୍ତି ଶାରଦା ଚରଣ ଶତପଥି ରାସଲୀଳା ପୁସ୍ତକ ପାଠ କରିଥିଲେ। ଜଗନ୍ନାଥ ସାହୁ, ପ୍ରମୋଦ ତ୍ରିପାଠୀ, ଦେବରାଜ ବାରିକ, ଶରତ ଚନ୍ଦ୍ର ରାଉତ, ସନ୍ତୋଷ ଓଝା, ଚନ୍ଦ୍ରକାନ୍ତ ରଥ, ବଂଶୀଧର ଦାସ, ମୂରଲୀଧର ଓଝାଙ୍କ ସମେତ ଦୁଇଗ୍ରାମର ଗ୍ରାମବାସୀ ଅଂଶ ଗ୍ରହଣ କରିଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ଦୁଇ ଗ୍ରାମର ମହିଳା ଓ ପୁରୁଷ ରାସ ଉତ୍ସବରେ ଉପସ୍ଥିତ ରହି ରାଧାକୃଷ୍ଣଙ୍କ କୀର୍ତ୍ତନରେ ସାମିଲ ହୋଇ ବିଭୁକୃପା ଲାଭ କରୁଛନ୍ତି।

### ● କିଡ୍ନୀ ରୋଗରେ ପୀଡ଼ିତ ଦୀପକ

## ଚିକିତ୍ସାରେ ଅର୍ଥ ସାଜିଛି ବାଧକ

ଜଗତସିଂହପୁର,୧୪।୧୧(ସମିସ): ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ସାଦେଇପୁର ପଞ୍ଚାୟତ ବଣିକୁନ୍ଦ ଗ୍ରାମର ଦିନମଜୁରିଆ ରାଜକିଶୋର ଭୋଇଙ୍କ ୧୪ ବର୍ଷର ପୁଅ ଦୀପକ ଭୋଇ କିଡନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ତାଙ୍କର ଦୁଇଟି କିଡନୀ ସଂକ୍ରମଣ ହୋଇଥିବା ଡାକ୍ତରୀ ପରୀକ୍ଷାରୁ ସୂଚନା ମିଳିଛି। ଏଥିରେ ଦୀପକଙ୍କ ଦେହ ଓ ହାତ ଫୁଲିଯିବା ସହିତ ଶରୀର ଦୁର୍ବଳ ହୋଇପଡ଼ିଛି। ଯେଉଁ ବୟସରେ ସ୍କୁଲକୁ ଯାଇ ପାଠ ପଢ଼ିବା କଥା, ଏ ବୟସରେ ରୋଗ ଯନ୍ତ୍ରଣାରେ ଛଟପଟ ହେଉଛି ଏହି ୧୪ ବର୍ଷର ବାଳକ। ପୁଅର ଏପରି ଅବସ୍ଥାରେ ବାପାମାଆ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିପଡିଛନ୍ତି।



ଦୀପକର ଚିକିତ୍ସା ପାଇଁ ଅର୍ଥଭାବ ବାଧକ ହୋଇଛି। ଔଷଧ କିଣିବା ପାଇଁ ସେମାନଙ୍କ ନିକଟରେ ସମ୍ବଳ ନ ଥିବା ବାପାମାଆ କହିଛନ୍ତି। ଆଶୀର୍ବାଦ ସେବା ସଂଗଠନ ଓ ଗ୍ରାମବାସୀଙ୍କ ପକ୍ଷରୁ ଦୀପକଙ୍କ ଚିକିତ୍ସା ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରାଯାଇଛି।

### ଶାଗୁଣା ଘାଇ ପରିଦର୍ଶନ କଲେ ପୂର୍ବତନ ମନ୍ତ୍ରୀ

# ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା

ଡେରାବିଶ/ପଞ୍ଚୁପାଣ୍ଡବ, ୧୪।୧୧(ସମିସ)

ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ବିରୁପା ନଦୀର ଶାଗୁଣାଘାଇ ସ୍ଥଳକୁ ପରିଦର୍ଶନ କରିଛନ୍ତି ପୂର୍ବତନ ଜଳସେଚନ ମନ୍ତ୍ରୀ ବିଜୟ ମହାପାତ୍ର। ମଙ୍ଗଳପୁର ପଞ୍ଚାୟତର ଘଣ୍ଟପଦାର ଶାଗୁଣାଘାଇ ଠାରେ ବିରୁପା ନଦୀ ଉଗ୍ର ରୂପ ଧାରଣ କରି ତୀବ୍ର ଗତିରେ କୂଳ ଖାଇ ଚାଲିଛି। ଯେଉଁଥି ପାଇଁ ମଙ୍ଗଳପୁର ପଞ୍ଚାୟତ ସମେତ ନିକଟସ୍ଥ ଛୋଟି, ନହଙ୍ଗ, ବେଣିପୁର ପଞ୍ଚାୟତର ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବର୍ଷାଋତୁ ଆସିବାମାତ୍ରେ ବିରୁପା ନଦୀରେ ପାଣି ବଢ଼ିଲେ ସ୍ଥାନୀୟ ଲୋକମାନଙ୍କ ମନରେ ଛନକା ପଶେ। ଏହି ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଭାତ କୁମାର ମଳିକ କୁହନ୍ତି ଏଠାରେ ଘାଇ ହେଲେ କେବଳ ଉପରୋକ୍ତ ଚାରୋଟି ପଞ୍ଚାୟତ ନୁହେଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟାଳୟକୁ ମଧ୍ୟବନ୍ୟାପାଣି ପଶିଯିବ। ଏହି ଘାଇ ସ୍ଥଳରେ ବାରାମ୍ବାର ନଦୀବନ୍ଧ ଖାଉଥିବାରୁ ଜଳସେଚନ ବିଭାଗ ପକ୍ଷରୁ ନଦୀର ସ୍ରୋତର ଗତପଥ ବଦଳାଇବା ପାଇଁ ପଥର ସ୍ପର ମାନ ନିର୍ମାଣ କରାଯାଇଛି। ହେଲେ ନଦୀ ତାର କରାଳ କାୟାରେ ପଥର ସ୍ପର ମଧ୍ୟରେ ଥିବା ବନ୍ଧକୁ ମଧ୍ୟଖାଇ ଚାଲିଛି। ତେବେ ଗତ ଦାନା ବାତ୍ୟା ପରେ ଶନିମନ୍ଦିର ନିକଟରେ ନଦୀପଠା ଖାଇଯିବାରୁ ଏକ ବିରାଟ ଗଛ ନଦୀମଧ୍ୟକୁ ଉପୁଡ଼ି ଯାଇଛି। ଏହାର ସ୍ଥାୟୀ ପ୍ରତିକାର ନିମନ୍ତେ ସ୍ଥାନୀୟ ଲୋକମାନେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।। ତେବେ ଏ ସମ୍ପର୍କରେ ସ୍ଥାନୀୟ ଲୋକମାନେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଓ ତାଙ୍କ ବାପା ପୂର୍ବତନ ଜଳସେଚନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଜି ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ମଙ୍ଗଳପୁର ପଞ୍ଚାୟତରେ ପହଞ୍ଚି ଶାଗୁଣାଘାଇ ସ୍ଥଳ ପରିଦର୍ଶନ କରିଥିଲେ। ଶ୍ରୀ ମହାପାତ୍ର ନଦୀର କରାଳ ରୂପ ଦେଖିବା ସହ ବର୍ଷାଦିନ ପୂର୍ବରୁ ଏହାର ସ୍ଥାୟୀ ପ୍ରତିକାର ନିମନ୍ତେ ଜଳସେଚନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହିତ କଥା ହୋଇଥିଲେ ଏବଂ ତୁରନ୍ତ ସମସ୍ୟାର ସମାଧନା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ଶ୍ରୀ ମହାପାତ୍ର ପଞ୍ଚାୟତ ଅନ୍ତର୍ଗତ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେସ୍ଥାନୀୟ ଲୋକମାନଙ୍କଠାରୁ ଅବଗତ ହେବା ସହ ଖୁବ୍ ଶୀଘ୍ର ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀ ମହାପାତ୍ରଙ୍କ ସହିତ ବିଜେଡ଼ିର ବରିଷ୍ଠ ନେତା ସରୋଜ କାନ୍ତ ନାୟକ, ବିଧାୟକଙ୍କ ପ୍ରତିନିଧି ମନୋରଞ୍ଜନ ଉପାଧ୍ୟାୟ, ନରସିଂହପୁର ସରପଞ୍ଚ ସୁଧିର ଖଟୁଆ, ଛୋଟି ସରପଞ୍ଚ ରଜନୀ ମଳିକ, ମଙ୍ଗଳପୁର



ସରପଞ୍ଚ ଇତିଶ୍ରୀ ନାୟକ, ବାଲିଆ ସରପଞ୍ଚ ପ୍ରବୀର ସିଂ, ତ୍ରିଲୋଚନ ରାଉତ, ଗୋଲରାହାଟ ସମିତିସଭ୍ୟ କରୁଣାକର କାଣ୍ଡି, ଦିଲ୍ଲିପ ଦାଶ, ଭବାନୀ ପ୍ରସାଦ ଓଝା, ପ୍ରଶାନ୍ତ ସାମନ୍ତରାୟ, କ୍ଷୀରୋଦ ଚନ୍ଦ୍ର ମଳିକ, ପ୍ରକାଶ ଚନ୍ଦ୍ର ସାହୁ, ଶିଶିର ମଳିକ, ଅନାଦି ଚରଣ ବେହୁରା, ଶରତ ଚନ୍ଦ୍ର ଦାସ, କୈଳାସ ଚନ୍ଦ୍ର ସାହୁ, ସେକ ରିଆସତ, ପ୍ରଫୁଲ୍ଲ ସିଂ, ମାନସରଞ୍ଜନ ମଳିକଙ୍କ ସମେତ ଛୋଟି, ନହଙ୍ଗ, ମଙ୍ଗଳପୁର ବେଣିପୁର ପଞ୍ଚାୟତର ଶହଶହ ଜନସାଧାରଣ ଉପସ୍ଥିତ ରହିଥିଲେ।

### ବ୍ୟସ୍ତବହୁଳ ବାଇପାସ୍ ରାସ୍ତାରେ ଟ୍ରାଫିକ ବ୍ୟବସ୍ଥା ଦାବି

# ଘଟୁଛି ଦୁର୍ଘଟଣା, ହାନି ହେଉଛି ଧନଜୀବନ

ପଟ୍ଟାମୁଣ୍ଡାଇ, ୧୪।୧୧(ସମିସ)

ବ୍ୟସ୍ତବହୁଳ ପଟ୍ଟାମୁଣ୍ଡାଇ ନୂତନ ବାଇପାସ ରାସ୍ତାରେ ଟ୍ରାଫିକ ସମସ୍ୟା ଦେଖାଦେଇଛି। ଏଠାରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା ନ ଥିବାରୁ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଫଳରେ ଜନଅସନ୍ତୋଷ ଦେଖାଦେଇଛି। ସମ୍ପ୍ରତି ପଟ୍ଟାମୁଣ୍ଡାଇ ଅଞ୍ଚଳର ଜନସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଉକ୍ତ ଟ୍ରାଫିକ ସମସ୍ୟା ଦେଖାଦେଇଛି। ପଟ୍ଟାମୁଣ୍ଡାଇ ସହରରୁ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ପ୍ରଶାସନ ଓ ପୌର ପରିଷଦ କେତେକାଂଶରେ ଜବରଦଖଲ ହଟାଇଛନ୍ତି। ବାକି ଥିବା ଜବରଦଖଲକୁ ପର୍ଯ୍ୟାୟକ୍ରମେ ହଟାଇବା ନିଷ୍ପତ୍ତି ନିଆଯାଇଛି। ପଟ୍ଟାମୁଣ୍ଡାଇ ସହରର ବିଭିନ୍ନ ସ୍ଥାନରେ ବୁଲା ଗାଈଗୋରୁ ଅବାଧ ବିଚରଣ କରି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବା ଦେଖିବାକୁ ମିଳିଛି।

ପଟ୍ଟାମୁଣ୍ଡାଇ ସହର ଅପେକ୍ଷା ମେଡିକାଲ ଛକଠାରୁ କଲେଜ ପର୍ଯ୍ୟନ୍ତ ରାସ୍ତାରେ ଉକ୍ତ ଟ୍ରାଫିକ ସମସ୍ୟା ଦେଖାଦେଇଛି। ଲୋକମାନେ ଯାତାୟାତ ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଏଠାରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା କରାଯାଇନାହିଁ। ପଟ୍ଟାମୁଣ୍ଡାଇ କେନାଲ ପୋଲ ପାଖରେ ମଧ ଯାନବାହାନ ଚଳାଚଳ ନିୟନ୍ତ୍ରଣ ପାଇଁ ଟ୍ରାଫିକ ବ୍ୟବସ୍ଥା କରାଯାଇନାହିଁ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଟ୍ଟାମୁଣ୍ଡାଇ ନୂତନ ବାଇପାସ ବିଜୁ ପଟ୍ଟନାୟକ ଛକରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ପଟ୍ଟାମୁଣ୍ଡାଇ ବାଇପାସ ବିଜୁ ପଟ୍ଟନାୟକ ଛକ ଏକ ବ୍ୟସ୍ତବହୁଳ ଛକ ଭାବେ ଜଣାଶୁଣା। ପଟ୍ଟାମୁଣ୍ଡାଇର ପ୍ରବେଶ ଦ୍ୱାର ସହିତ ଏଠାରୁ କେନ୍ଦ୍ରାପଡ଼ା କଟକ, ଭୁବନେଶ୍ୱର ସମେତ ରାଜ୍ୟ ବାହାରକୁ ଯାନବାହାନ ଚଳାଚଳ କରୁଥିବାବେଳେ ଆଳି, ରାଜନଗର, ରାଜକନିକା, ଇନ୍ଦୁପୁର ଓ ପଟ୍ଟାମୁଣ୍ଡାଇ ଧୋୟାଅଞ୍ଚଳକୁ ମଧ୍ୟ ଯାନବାହାନ ଯାତାୟାତ କରିଥା'ନ୍ତି। ଏହି ରାସ୍ତା ଦେଇ ଦୈନିକ ଶହ ଶହ ଟ୍ରକ, ବସ, ଟ୍ରେକର, କାର, ମୋଟର ସାଇକଲ ଆଦି ଯାତାୟାତ କରୁଥିବା ଦେଖାଯାଉଛି। ଟ୍ରାଫିକ ବ୍ୟବସ୍ଥା ନ ଥିବାରୁ ସର୍ବଦା ଦୁର୍ଘଟଣା ଘଟିବାର ଆଶଙ୍କା ରହୁଥିବାବେଳେ ବହୁ ସମୟରେ ଦୁର୍ଘଟଣା ଘଟୁଥିବା ଦେଖାଯାଇଛି। ଏଭଳି ସ୍ଥିତିରେ ଲୋକମାନେ ଭୟଭୀତ ଅବସ୍ଥାରେ ବହୁ କଷ୍ଟରେ ଯାତାୟାତ କରୁଛନ୍ତି। ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ବ୍ୟସ୍ତବହୁଳ ବାଇପାସ ବିଜୁ ପଟ୍ଟନାୟକ ଛକରେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କରିବାକୁ ପଟ୍ଟାମୁଣ୍ଡାଇ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି।

### ● ନାମକୁମାତ୍ର ମହିଳା ସଶକ୍ତୀକରଣ

# ୫୦ ଲକ୍ଷ ଟଙ୍କାର ଦୁଗ୍ଧ ଶୀତଳୀକରଣ ପ୍ରକଳ୍ପ ଆରମ୍ଭ ଦିନରୁ ବନ୍ଦ

**ରାଜକନିକା, ୧୪।୧୧(ସମିସ):** ମିଶନ ଶକ୍ତିର ନାରା ଦେଇ ତମାମ ରାଜକନିକା ବ୍ଲକର ସବୁ ଉଦ୍ୟୋଗକୁ ଗୋଟିଏ ସ୍ୱୟଂସହାୟକ ଗୋଷ୍ଠୀକୁ ଟେକି ଦେଇ ବ୍ଲକ ପ୍ରଶାସନ ବାହାବା ନେଉଥିବାବେଳେ ୫୦ ଲକ୍ଷ ଟଙ୍କାର ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଉଦ୍‌ଘାଟନ ପରେ ତାଲା ପଡ଼ିଛି। ତେବେ ମଝିରେ ମଝିରେ ଜିଲ୍ଲାପାଳ ଆଉ ଉପରୁ ବିଭାଗୀୟ

### ● ଅଧିକାରୀ ଆସିଲେ ବାହାରୁ ପନିର ଆଣି ପ୍ରଦର୍ଶନ

ଅଧିକାରୀ ଆସିଲେ ସେଦିନ ଏହାକୁ ରେକର୍ଡ ପତ୍ରରେ ଚଲାଉଥିବା ଶ୍ରୀରାମ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ଡ୍ରେସ କୋର୍ଡରେ ଆଣି ଠିଆ କରାଇ ଫଟୋ ଉଠାଇ ବାହାବା ନେଉଛି। ଯେମିତି ଗତ ଜୁଲାଇ ମାସ ୨ ତାରିଖରେ ତତ୍କାଳୀନ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏହି ୟୁନିଟକୁ ଆସି 'ଏକ ପେଡ୍ ମା' କେ ନାମ' ଯୋଜନାର ଶୁଭାରମ୍ଭ କରି ଏତେ ସଂଖ୍ୟକ ମହିଳା ଏହାକୁ ଚଲାଉଥିବା ରେକର୍ଡ ଦେଖି ଏହି ଦୁଗ୍ଧ ୟୁନିଟରୁ କେମିତି ଅଧିକ ପନିର ଉତ୍ପାଦନ ହେବ ସେ ନେଇ ଉଦ୍ୟମ କରିବେ ବୋଲି କହିଥିଲେ। ମାତ୍ର ଜିଲ୍ଲାପାଳ ଯିବାର ପରଦିନ ଟେକ୍ନିସିନିସିଆନ ନ ଥିବାରୁ ଏହା ତାଲା ପଡ଼ିଥିଲା। ରେକର୍ଡ ପତ୍ରରେ ଭଲ ପନିର ଉତ୍ପାଦନ କରି ବ୍ୟାଙ୍କ ଓ ଉପର



ଅଧିକାରୀଙ୍କୁ ପ୍ରଭାବିତ କରିଥିବା ଏହି ୟୁନିଟ ସବୁଦିନ ତାଲା ପଡ଼ିବା ଘଟଣା କେବେ ବି ମିଶନଶକ୍ତିର ଉପରିସ୍ଥ ଅଧିକାରୀଙ୍କ ନଜରକୁ ଆସେନି। ରାଜକନିକା ବ୍ଲକ ଅଫିସ ଓ ଅଫିସ ସଂଲଗ୍ନ ଷ୍ଟୋରେଜ ହାଉସରେ ମିଶନ ଶକ୍ତି ଦ୍ୱାରା ପରିଚାଳିତ ଉଭୟ କାଫେ ଏବଂ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ନାଁରେ ରୀତିମତ ମିଥ୍ୟା ରିପୋର୍ଟ ଦିଆଯିବ ଭଳି ସଙ୍ଗୀନ ଘଟଣା ଘଟୁଛି। ଉଭୟ ୟୁନିଟ ବନ୍ଦ ରହୁଥିବା ବେଳେ କେବେ କେମିତି ଖୋଲିକି ଫଟୋ ଉଠାଯାଇ ଏହା ଚାଲୁଥିବାର ପ୍ରମାଣ ଦେଇଥିବା ସମ୍ପର୍କରେ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ପଦାରେ ପଡ଼ିବ। କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନଜରରେ ରହୁଥିବା ଏଭଳି ପ୍ରକଳ୍ପ ସବୁକୁ ସଠିକ୍ ତଦାରଖ କରି ସରକାରୀ ଅର୍ଥ ଅପବ୍ୟୟରୁ ରକ୍ଷା କରିବାକୁ ସାଧାରଣରେ ଦାବି ହେଉଛି।

## ପ୍ରତିଭାର ଉନ୍ମେଷ ପାଇଁ ପ୍ରୋତ୍ସାହନ ଜରୁରୀ

**ଜଗତସିଂହପୁର, ୧୪।୧୧(ସମିସ):** ଈଶ୍ୱର ସମସ୍ତଙ୍କୁ କିଛି ନା କିଛି ପ୍ରତିଭା ଦେଇଛନ୍ତି। କିନ୍ତୁ ପ୍ରତିଭାର ଉନ୍ମେଷ ପାଇଁ ପ୍ରୋତ୍ସାହନ ଜରୁରୀ ବୋଲି ସ୍ଥାନୀୟ ପୁରୁଣାଗଡ଼ସ୍ଥ ପ୍ରଫୁଲ୍ଲ ପାଠାଗାରଠାରେ ସଭାପତି ରବୀନ୍ଦ୍ର ନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଭା ଓ ପ୍ରୋତ୍ସାହନ ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ଅତିଥିମାନେ ଏହି ମତ ପୋଷଣ କରିଛନ୍ତି। ଏ ଅବସରରେ ବିଜୁ ପଟ୍ଟନାୟକ କଲେଜର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ରାମଚନ୍ଦ୍ର ଆଚାର୍ଯ୍ୟ ଓ ପାଠାଗାରର ଉପଦେଷ୍ଟା ବଂଶୀଧର ଆଚାର୍ଯ୍ୟ, ସତ୍ୟବାଦୀ ଦାସ ଓ ସାମ୍ବାଦିକ ତପନ କୁମାର ରାଉତରାୟ ସହାୟତା କରିଥିଲେ। ପାଠାଗରର ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ।

## ରାଜନଗରରେ ସମବାୟ ସପ୍ତାହ ପାଳନ

**ରାଜନଗର, ୧୪।୧୧(ସମିସ):** ରାଜନଗରସ୍ଥ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ କାର୍ଯ୍ୟାଳୟ ପରିସରରେ ୭୧ତମ ସମବାୟ ସପ୍ତାହ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣ ସାହୁ ଯୋଗଦେଇ ସମବାୟ ପତାକା ଉତ୍ତୋଳନ କରିଥିଲେ। ଏହା ୨୦ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ସମବାୟ ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଚାଷୀଙ୍କ ଉନ୍ନତୀ ଓ ସେବା ମନୋଭାବ ପୋଷଣ କରି କାର୍ଯ୍ୟ କରିବା, ନୂତନ ଯୋଜନା ମାଧ୍ୟମରେ ସମବାୟ ଆନ୍ଦୋଳନକୁ ଶକ୍ତିଶାଳୀ କରିବା, ସମବାୟରେ ଅଭିନବତା, ଜ୍ଞାନକୌଶଳ ଓ ଉତ୍ତମ ପ୍ରଶାସନ ଆବଶ୍ୟକ। ସମବାୟ ହେଉଛି ମହିଳା ଯୁବ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ନିରନ୍ତର ସେବା ଯୋଗାଇବା ବୋଲି କହିଥିଲେ। ଏଥିରେ




ରାଜନଗର ଶାଖା ପରିଚାଳକ ବିଶ୍ୱପ୍ରକାଶ ସାମଲ, ସତ୍ୟନାରାୟଣ ସେଠୀ, ସୁମନ୍ତ ବେହେରା, ଜ୍ୟୋତି ରଞ୍ଜନ ବାରିକ, ବୈକୁଣ୍ଠ କୁମାର ବାରିକ, ମିଳନ ନାୟକ, ବିଭୂତି ଭୂଷଣ ସାହୁ, ବିଜୟ ସ୍ୱାଇଁ, ଅରୂପାନନ୍ଦ ବେହେରା, କୈଳାସ ଚନ୍ଦ୍ର ପରିଡ଼ା, ଦିଲ୍ଲୀପ କୁମାର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ସେହିପରି ରାଜନଗର ସେବା ସମବାୟ ସମିତିରେ ସମ୍ପାଦକ ଜ୍ଞାନରଞ୍ଜନ ନାୟକ, ନୋଧାବସନ୍ତ ସେବା ସମବାୟ ସମିତିରେ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଜେନା, ବାଇଲିସାହିପାଟଣା ସେବା ସମବାୟ ସମିତିରେ ସମ୍ପାଦକ ଅମର କୁମାର ବଳ ପତାକା ଉତ୍ତୋଳନ କରିଥିଲେ।

# ରାଜପଥରେ ଲୁଟ୍ ଅଭିଯୋଗରେ ୨ ଗିରଫ

**ମାର୍ଶାଘାଇ, ୧୪।୧୧(ସମିସ):** ମାର୍ଶାଘାଇ ଥାନା ଅଞ୍ଚଳର କୁଖ୍ୟାତ ରାଜପଥ ଲୁଟେରା କଳାଗଡ଼ର କାଳିଆ ରାଉତ ଓ ସହଯୋଗୀ ସୁରେଶ ରାଉତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ମାର୍ଶାଘାଇ ଥାନା ବଉଦ ତାରିଣୀ ମନ୍ଦିର ନିକଟରେ ଥିବା କୁକୁଡ଼ା ଫାର୍ମରୁ ଚୋରି ହୋଇଥିବା ନେଇ ପୁଲିସ ନିକଟରେ ଅଭିଯୋଗ ହୋଇଥିଲା। ଗତ ୧୧ ତାରିଖରେ କେହି ଦୁର୍ବୃତ୍ତ ଫାର୍ମର କବାଟ ଭାଙ୍ଗି ସେଠାରେ ଥିବା ଦୁଇଟି ସୋଲାର ପ୍ୟାନେଲ ଓ ଆନୁସଙ୍ଗିକ ସାମଗ୍ରୀ ଲୁଟ୍ କରିଥିଲା। ଏ ନେଇ କୁକୁଡ଼ା ଫାର୍ମର ମାଲିକ ପାରାଦୀପ ଲକ୍ ଥାନା ଉଦୟବିହାରର ସୋମନାଥ ମହାପାତ୍ର ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ପୁଲିସ ତଦନ୍ତ କରି କାଳିଆ ଓ ତା'ର ସହୋଯୋଗୀକୁ ଗିରଫ କରିଛି। ପୂର୍ବରୁ କାଳିଆ ଓ ସହଯୋଗୀ ୫୩ନଂ ଜାତୀୟ ରାଜପଥରେ



ଲୁଟ୍ କରି ଆତଙ୍କ ଖେଳାଇଥିବା ଅଭିଯୋଗ ଥିଲା। ଏପରିକି ରାଜପଥରେ ଯାତାୟାତ କରୁଥିବା ବାଇକ୍ ଆରୋହୀ ଓ ପଥଚାରୀଙ୍କ ମୁହଁକୁ ଲଙ୍କାଗୁଣ୍ଡ ପକାଇବା ସହ ବନ୍ଧୁକ ଓ ଭୁଜାଲି ଦେଖାଇ ଲୁଟ୍ କରୁଥିଲେ। ବିଶେଷକରି ବିଳମ୍ବିତ ରାତିରେ ମାର୍ଶାଘାଇ ଓ ସଦର ଥାନା ଅଞ୍ଚଳର ଦୁହୁରିଆ ଶ୍ୟାମସୁନ୍ଦରପୁର, ଗୋପ, ମାର୍ଶାଘାଇ କ୍ରସିଂ, ହଳଦିଆ, ମଶାକଣି, ଯଦୁପୁର ନୀଳାଞ୍ଚଳ, ବଉଦ ଆଦି ଛକରେ ଟ୍ରକ୍ ଓ ହାଇୱା ଡ୍ରାଇଭରଙ୍କୁ ମାରଣାସ୍ତ୍ର ଦେଖାଇ ସୁନା ଚେନ, ମନିପର୍ସ ସମେତ ଟ୍ରକ୍‌ରୁ ବ୍ୟାଟେରୀ ଚୋରି କରୁଥିବା କାଳିଆକୁ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଗିରଫ କରିବାରେ ମାର୍ଶାଘାଇ ପୁଲିସ ସଫଳ ହୋଇଥିଲା। କାଳିଆର ଅନ୍ୟ ସହଯୋଗୀ ବିଭିନ୍ନ ସ୍ଥାନରେ ଲୁଚି ରହିଥିବାବେଳେ ପୁଲିସ ସେମାନଙ୍କୁ ଗିରଫ କରିବାକୁ ତଦନ୍ତ ଜାରି ରଖିଛି।

## କୁଜଙ୍ଗରେ ଧାନର ଗୁଣାତ୍ମକ ମାନ ସମ୍ପର୍କିତ ପ୍ରଶିକ୍ଷଣ ଶିବିର

**କୁଜଙ୍ଗ, ୧୪।୧୧(ସମିସ):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ସେବା ସମବାୟ ସମିତି ପକ୍ଷରୁ ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ଧାନର ଗୁଣାତ୍ମକ ମାନ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତି ସଭାପତି ନାଟ୍ୟକାର ଡ. ରଘୁନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ନିୟନ୍ତ୍ରିତ ବଜାର କମିଟିର ଅଧିକାରୀ ସଂଗ୍ରାମ କୁମାର ବିଶ୍ୱାଳ ଉପସ୍ଥିତ ରହି ଚଳିତ ଖରିଫ ଋତୁରେ ମଣ୍ଡିରେ ଧାନ କ୍ରୟ ସମ୍ପର୍କିତ ରାଜ୍ୟ ସରକାରଙ୍କ ବିଭିନ୍ନ ନିୟମକାନୁନ ସମ୍ପର୍କରେ ଉପସ୍ଥିତ ଚାଷୀ ମାନଙ୍କୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସମ୍ପାଦକ ରାଜକିଶୋର ଦାସ, ସହ ସମ୍ପାଦକ ଟିକନ ଗୁରୁ, ସତ୍ୟାନନ୍ଦ ନାଥ, ଦେବୀପ୍ରସାଦ ପଟ୍ଟନାୟକ, ମଧୁମଙ୍ଗଳ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟାଳୟ ସହାୟକ ରାଜେଶ ନାୟକ, ନିର୍ଦ୍ଦେଶନା ମଣ୍ଡଳୀ ସଦସ୍ୟ ବାବାଜୀ ସେଠୀ, ସୁଶାନ୍ତ କୁମାର



ଦାସ, ହୃଷିକେଶ ନାଥ, ୱାର୍ଡ ସଭ୍ୟ ବୈଷ୍ଣବ ପଲାଇଙ୍କ ସମେତ ଏହି ଶିବିରରେ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମର ଶତାଧିକ ଚାଷୀମାନେ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ରାଜ୍ୟ ସରକାର ପୂର୍ବ ମୂଲ୍ୟରେ ଅଧିକ ୮ ଶହ ଟଙ୍କା ପ୍ରଦାନ କରୁଥିବାରୁ ଧାନ କ୍ୱିଣ୍ଟାଲର ମୂଲ୍ୟ ୩୧ ଶହ ଟଙ୍କା ଚାଷୀମାନଙ୍କୁ ପ୍ରଦାନ କରାଯିବ। ତେବେ ମିଲରକୁ ଚାଷୀ ପ୍ରଦାନ କରିବାକୁ ଥିବା ଧାନର ମୂଲ୍ୟ ଓ ମାନ ସମ୍ପର୍କରେ ଚାଷୀ ମାନଙ୍କୁ ଅବଗତ କରାଯାଇଥିଲା।

## ଶକ୍ତି ସଂରକ୍ଷଣ ଓ ପରିବେଶ ସୁରକ୍ଷା ସଚେତନତା

**ପଟ୍ଟାମୁଣ୍ଡାଇ, ୧୪।୧୧(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଛରା ପଞ୍ଚମଣ୍ଡପଡ଼ା ଭଜନେଶ୍ୱର ହାଇସ୍କୁଲ ଶକ୍ତି କ୍ଲବ ପକ୍ଷରୁ ଶକ୍ତି ସଂରକ୍ଷଣ ଓ ପରିବେଶ ସୁରକ୍ଷା ପାଇଁ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ହାଇସ୍କୁଲର ପ୍ରଧାନଶିକ୍ଷକ ଅନନ୍ତ କିଶୋର ବେହେରା




ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ସ୍କାଉଟ ଶିକ୍ଷକ ତଥା ଶକ୍ତି କ୍ଲବ ମାର୍ଗ ଦର୍ଶକ ଶିକ୍ଷକ ଗୋଲକ ବିହାରୀ ଭୂୟାଁଙ୍କ ନେତୃତ୍ୱରେ ମଣ୍ଡପଡ଼ା ବାଛରା ନୋଡାଲ ଉପ୍ରା ସ୍କୁଲ ପ୍ରଧାନ ଶିକ୍ଷକ ଅମରେନ୍ଦ୍ର ଜେନା ଭଜନେଶ୍ୱର ହାଇସ୍କୁଲ ଶିକ୍ଷକ ହେମନ୍ତ ମଲ୍ଲିକ, ରୋହିତ ସ୍ୱାଇଁ, ଜୟଦେବ ବେହୁରା, କୃଷ୍ଣଚନ୍ଦ୍ର ସାହୁ, ଶିକ୍ଷୟତ୍ରୀ ଅନୁସୂୟା ନାୟକ, କର୍ମଚାରୀ ଅକ୍ଷୟ କୁମାର ଦାସଙ୍କ ସମେତ ୨୪ ଜଣ ସ୍କାଉଟ୍, ୧୧ଜଣ ରେଡକ୍ରସ ଓ ଶକ୍ତି କ୍ଲବର ୩୦ଜଣଙ୍କୁ ମିଶାଇ ୬୫ଜଣ ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ଅଂଶ ଗ୍ରହଣ କରି ବାଛରା ପଞ୍ଚାୟତ ପରିକ୍ରମା କରି ଶକ୍ତି ସଂରକ୍ଷଣ ଓ ପରିବେଶ ସୁରକ୍ଷା ଉପରେ ଜନସଚେତନତା ସୃଷ୍ଟି କରିବା ସହିତ ନବୀକରଣ ଶକ୍ତିର ଉତ୍ସ ଯଥା ସୌର ଶକ୍ତି, ପବନ ଶକ୍ତି ଓ ଜଳଜ ଶକ୍ତି ଓ ତାପଜ ଶକ୍ତି ବ୍ୟବହାର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

## ଅଳପୁଆରେ +୨ କଲେଜ ଖୋଲିବାକୁ ଅଞ୍ଚଳବାସୀଙ୍କ ଦାବି

**ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୧୪।୧୧(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଧୋୟାଅଞ୍ଚଳର ଅଳପୁଆ ଠାରେ +୨ କଲେଜ ଖୋଲିବା ପାଇଁ ଦୀର୍ଘଦିନ ହେବ ଅଞ୍ଚଳବାସୀ ଦାବି କରିଆସୁଛନ୍ତି। ମାତ୍ର ସରକାରୀ ସ୍ତରରେ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଅଳପୁଆ ପଞ୍ଚାୟତ ପିଲାମାନେ ପ୍ରଚଣ୍ଡ ଖରା ଓ ବର୍ଷା ଏପରିକି ବନ୍ୟା ସମୟରେ ପ୍ରାୟ ୮/୧୦ କିମି ଦୂର ଦାଣ୍ଡିସାହି କଲେଜକୁ ପାଠ ପଢ଼ିବା ପାଇଁ ବହୁ କଷ୍ଟରେ ଯିବାକୁ ବାଧ ହେଉଛନ୍ତି। ଯାହାକି ପାଠ ପଢ଼ିବା ପାଇଁ ମାନସିକ ସ୍ତରରେ ପିଲାମାନେ ପ୍ରଭାବିତ ହେଉଛନ୍ତି। ଅଳପୁଆ ନୋଡାଲ ହାଇସ୍କୁଲରେ +୨ ଉଚ୍ଚ ମାଧ୍ୟମିକ ସ୍କୁଲ ଖୋଲିବା ପାଇଁ ସରକାରୀ ସ୍ତରରେ ଉପଯୁକ୍ତ ପଦକ୍ଷେପ ନେବାକୁ ବରିଷ୍ଠ ନାଗରିକ ସମନ୍ୱୟ ସମିତି ପକ୍ଷରୁ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କ ନିକଟରେ ଦାବି କରିବା ସହିତ ଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୁପକ୍ଷ, ଗଣଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ସମନ୍ୱୟ ସମିତି ପକ୍ଷରୁ ସଭାପତି ବିଭୁତିଭୂଷଣ ପଟ୍ଟନାୟକ, ବରିଷ୍ଠ ସମାଜସେବୀ ଗଗନ ମହାଳିକ, ଯୁବନେତା ସୁକାନ୍ତ ରାଉତ, ଜିଲ୍ଲା ପରିଷଦ ସଦସ୍ୟା ପ୍ରିୟଦର୍ଶିନୀ ତରାଇ, ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା, ସମିତି ସଭ୍ୟ ରାମ ଚନ୍ଦ୍ର ସେଠୀ, ପଦ୍ମନାଭ ନାୟକ, ରଶ୍ମିକାନ୍ତ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ନାରଦ ବିଶ୍ୱାଳ ଓ ସରୋଜିନୀ ଦାସ, ପୂର୍ବତନ ସରପଞ୍ଚ ଶରତ ଦାଶ, ରମେଶ ଦାସ, କିଶୋର ବେହେରା, ପୂର୍ବତନ ସମିତିସଭ୍ୟ ଚନ୍ଦନ ସାହୁ, ରତିକାନ୍ତ ଧଳ, ଅମରେନ୍ଦ୍ର ଦାସ, ନରେନ୍ଦ୍ର ଧଳ, ଜନୈକ ବିଶ୍ୱାଳ, ରବୀନ୍ଦ୍ର ଧଳ ପ୍ରମୁଖ ବିଧାୟକ ଶ୍ରୀ ବେହେରା ଏ ଦିଗରେ ସରକାରୀ ସ୍ତରରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଖଣ୍ଡେଶ୍ୱର କ୍ଲବ୍ ପକ୍ଷରୁ ରାହାସ ଉତ୍ସବ

**ମଣିଜଙ୍ଗା, ୧୪।୧୧ (ସମିସ):** ଖଣ୍ଡେଶ୍ୱର କ୍ଲବ ପକ୍ଷରୁ ଜମୁଛି ରାହାସ ଉତ୍ସବ। ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମଣିଜଙ୍ଗା ଗ୍ରାମ ପଞ୍ଚାୟତର ଖଣ୍ଡିଆ ଗୋରଡ ଗ୍ରାମରେ ଖଣ୍ଡେଶ୍ୱର କ୍ଲବ ତରଫରୁ ପ୍ରତବର୍ଷ ଭଳି ଏ ବର୍ଷ ମହାସମାରୋହ ମଧ୍ୟରେ ରାହାସ ଉତ୍ସବ ଅନୁଷ୍ଠିତ ହେଉଛି। ରାଧାକୃଷ୍ଣଙ୍କର ମୂର୍ତ୍ତୀ କରାଯାଇ ବଡ଼ ତୋରଣ ସହ ଲାଲ, ନୀଳ ଆଲୁଅରେ ମଣ୍ଡପ ଝଲସୁଛି। ପ୍ରତ୍ୟେହ ସନ୍ଧ୍ୟାରେ ଭଜନ ସଂକୀର୍ତ୍ତନ, ପ୍ରବଚନ ହେଉଛି। ଏହି ପୂଜା କମିଟି ୫୦ ବର୍ଷରୁ ଅଧିକ ସମୟ ହେବ ନିରବଚ୍ଛିନ୍ନ ଭାବେ ଚାଲି ଆସିଛି। ବାହାରେ ଥିବା ଲୋକମାନେ ଏହି କାର୍ତ୍ତିକ ମାସର ପଞ୍ଚୁକ ସମୟରେ ପହଞ୍ଚି ଗ୍ରାମରେ ଏକତ୍ରିତ ହୁଅନ୍ତି ବୋଲି ଖଣ୍ଡେଶ୍ୱର କ୍ଲବର ବରିଷ୍ଠ ସଦସ୍ୟ ଜିତେନ୍ ବିଶ୍ୱାଳ, ପ୍ରଭୁପ୍ରସାଦ ସ୍ୱାଇଁ, ମାନସ ବିଶ୍ୱାଳ, ସୂର୍ଯ୍ୟକାନ୍ତ ଛାଟୋଇ, କେଦାର କୁମାର ଲେଙ୍କା, ସ୍ୱାତିକାନ୍ତ ସ୍ୱାଇଁ, ବିନ୍ଧୁଭୂଷଣ ବିଶ୍ୱାଳ ପ୍ରମୁଖ ଗ୍ରାମର ସମସ୍ତ ଜନସାଧାରଣ ସହଯୋଗ କରୁଛନ୍ତି।

## ବସ୍ ଧକ୍କାରେ ମୃତ ଯୁବକଙ୍କ ପରିଚୟ ମିଳିନି

**ବାଲିକୁଦା, ୧୪।୧୧(ସମିସ):** ବାଲିକୁଦା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ତହସିଲ ଛକଠାରେ ଏକ ବସ ଚକା ତଳେ ଚାପି ହୋଇ ଜଣେ ଯୁବକର ମୃତ୍ୟୁ ହୋଇଥିଲା। ଦୀର୍ଘ୨୪ଘଣ୍ଟା ବିତିଯାଇଥିଲେ ମଧ ଯୁବକର ପରିଚୟ ଏବେବି ହସ୍ତଗସ୍ତ କରିପାରିନି ବାଲିକୁଦା ପୋଲିସ। ସୂଚନା ଅନୁଯାୟୀ ଗତ ବୁଧବାର ସନ୍ଧ୍ୟାରେ କଟକରୁ ନହରଣା ଆସୁଥିବା ନନ୍ଦିଘୋଷ ବସ ତହସିଲ ଛକ ନିକଟରେ ଚାଲି ଚାଲି ବାଲିକୁଦା ଆଡକୁ ଯାଉଥିବା ଏକ ଯୁବକକୁ ସିଧା ସଳଖ ଧକ୍କା ଦେଇଥିଲା। ଫଳରେ ଗାଡି ଚକା ଯୁବକର ମୁଣ୍ଡ ଉପରେ ଚଢି ଯିବା ଫଳରେ ମୁଣ୍ଡ ଫାଟି ଯାଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ଯୁବକର ମୃତ୍ୟୁ ଘଟିଥିଲା। ତେବେ ଗାଡି ଚାଳକଜଣଙ୍କ ଗାଡି ଟିକୁ ବାଲିକୁଦା କାଠ ଗୋଲା ଛକ ପର୍ଯ୍ୟନ୍ତ ଆଣିବା ପରେ ଗାଡ଼ିରେ ବସିଥିବା ଯାତ୍ରୀ ମାନଙ୍କୁ ଖାଲି କରି ଦେଇଥିଲା। ଏପରିକି ଘଟଣା ସ୍ଥଳରୁ ଡ୍ରାଇଭର ଓ ହେଲ୍ପର ଫେରାର ହୋଇ ଯାଇଥିବା ସୂଚନା ମିଳିଛି। ତେବେ ଏ ନେଇ ଥାନା ଅଧିକାରୀ ପ୍ରିୟବ୍ରତ ରାଉତ କହିଥିଲେ ଯେ ସୂଚନା ପାଇ ପୁଲିସ ପକ୍ଷରୁ ମୃତ ଯୁବକକୁ ମେଡିକାଲ ପଠାଇବା ପରେ ଗାଡିଟିକୁ ଜବତ କରି ତଦନ୍ତ ଆରମ୍ଭ କରାଯାଇଛି। ତେବେ ୨୪ ଘଣ୍ଟା ବିତିଯାଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ମୃତ ଯୁବକଙ୍କ ପରିଚୟ ମିଳି ପାରିନାହିଁ ବୋଲି ଥାନା ଅଧିକାରୀ ଶ୍ରୀ ରାଉତ ସୂଚନା ଦେଇଛନ୍ତି।

## ବିଦ୍ୟାର୍ଥୀ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମ

**ଜଗତସିଂହପୁର, ୧୪।୧୧(ସମିସ):** ଜଗତସିଂହପୁର ବ୍ଲକ ପଳାଶୋଳସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ଅଟଳ ବଳଦେବଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାର୍ଥୀ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉତ୍କଳ ରାମକୃଷ୍ଣ ସେବାସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଓଡ଼ିଶା ପୂର୍ବ ସଂଭାଗର ମୋ ଗାଁ ପରିଷଦ ସଂଯୋଜକ ଉତ୍କଳ ରଞ୍ଜନ ମହାନ୍ତି ଏବଂ ମୁଖ୍ୟ ଅତିଥି ଭାବେ ରାମକୃଷ୍ଣ ସେବା ସଂଘରଜୟନ୍ତ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଜଣେ ଶିକ୍ଷାର୍ଥୀର ଶିକ୍ଷାଗ୍ରହଣରେ ମାନସିକ, ଶାରୀରିକ, ବୌଦ୍ଧିକ, ଆଧାମିଠକ ତଥା ନୈତିକ ମୂଲ୍ୟବୋଧ ଯଥାର୍ଥରେ ବିକଶିତ ହେବା ଆବଶ୍ୟକ ବୋଲି କହିଥିଲେ। ଉଭୟ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ସ୍ୱାମୀ ସୁଦର୍ଶନାନନ୍ଦଜୀ ଓ କାର୍ଯ୍ୟକ୍ରମ ସଂଯୋଜକ ରବି ମହାନ୍ତିଙ୍କ ଦ୍ୱାରା ସଂକଳିତ "ନରେନ୍‌ରୁ ସ୍ୱାମୀ ବିବେକାନନ୍ଦ" ପୁସ୍ତକ ର୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

### କୃଷିକୁ ଗୁରୁତ୍ୱ ଧୂଆଁବାଣ

# ବିହନ ସଙ୍କଟରେ ଜିଲ୍ଲାର ଚିନାବାଦାମ ଚାଷ

ଜଗତସିଂହପୁର, ୧୪।୧୧(ସମିସ)

ସରକାର କୃଷିକୁ ଗୁରୁତ୍ୱ ଦେଉଥିବା କଥା ବାରମ୍ବାର ଦାବି କରୁଥିବା ସମୟରେ ଏହା ଧୂଆଁବାଣ ବୋଲି ସୂଚନା ମିଳିଛି। ସରକାରୀ ତଥ୍ୟ ଅନୁସାରେ, ୨୦୨୩-୨୪ ବର୍ଷରେ ଜିଲ୍ଲାକୁ ୨୨୫ କ୍ୱିଣ୍ଟାଲ ଚିନାବାଦାମ ବିହନ ପୂର୍ବ ସରକାରଙ୍କ ସମୟରେ ଯୋଗାଇ ଦିଆଯାଇଥିବାବେଳେ ଚଳିତ ୨୦୨୪-୨୫ କୃଷି ବର୍ଷରେ ମାତ୍ର ୧୫୦ କ୍ୱିଣ୍ଟାଲ ବିହନ ଆସିଥିବା ଜିଲ୍ଲା କୃଷି ବିଭାଗ ସୂତ୍ରରୁ ସୂଚନା ମିଳିଛି। ଯାହାକି ପୂର୍ବ ବର୍ଷ ଯୋଗାଇ ଦିଆଯାଇଥିବା ବିହନର ଅଧା ବୋଲି ସୂଚନା ମିଳିଛି।

ସେହିପରି ଗତବର୍ଷ ସର୍ବାଧିକ ଚିନାବାଦାମ ଚାଷ ହେଉଥିବା ଅଞ୍ଚଳ କୁଜଙ୍ଗ ବ୍ଲକକୁ ଏହି ୨୨୫ କ୍ୱିଣ୍ଟାଲ ବିହନ ମିଳିଥଲା। ଚଳିତ ବର୍ଷ କୁଜଙ୍ଗ ବ୍ଲକର ଚାଷୀମାନେ ମୁଠାଏ ହେଲେ ସରକାରୀ ଚିନାବାଦାମ ବିହନ ପାଇବେନି ବୋଲି ସୂଚନା ମିଳିଛି। କାରଣ ଜିଲ୍ଲାକୁ ଗତ ସୋମବାର ଆସିଥିବା ୧୦୦ କ୍ୱିଣ୍ଟାଲ ବିହନରୁ ୫୦ କ୍ୱିଣ୍ଟାଲ ଜଗତ୍‌ସିଂହପୁର ଓ ବାକି ୫୦ କ୍ୱିଣ୍ଟାଲ୍ ନାଉଗାଁ ବ୍ଲକକୁ ଯୋଗାଇ ଦିଆଯିବ ବୋଲି କୃଷି ବିଭାଗ ସୂତ୍ରରୁ ସୂଚନା ମିଳିଛି। ତେବେ ଜଗତ୍‌ସିଂହପୁର ବ୍ଲକର ମାତ୍ର ଗୋଟିଏ ପଞ୍ଚାୟତ ଆଳିପିଙ୍ଗଳରେ ଚିନାବାଦାମ ଚାଷ ହେଉଥିବାବେଳେ ଏହି ଗୋଟିଏ ପଞ୍ଚାୟତକୁ ୫୦ କ୍ୱିଣ୍ଟାଲ ଚିନାବାଦାମ ବିହନ ମିଳିଥିବା ବେଳେ କୁଜଙ୍ଗ ବ୍ଲକର ୬ଟି ପଞ୍ଚାୟତ ସଂପୂର୍ଣ୍ଣ ଭାବରେ ସରକାରୀ ବିହନରୁ ବଞ୍ଚିତ ହୋଇଥିବା ସୂଚନା ମିଳିଛି। ଯାହାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ଚଳିତ ରବି ଋତୁରେ କୁଜଙ୍ଗ ବ୍ଲକରେ ଚିନାବାଦାମ ଚାଷ ପ୍ରଭାବିତ ହେବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି।



ଜିଲ୍ଲାର କୃଷିଭିତ୍ତିକ ଅର୍ଥନୀତିରେ ଚିନାବାଦାମ ଚାଷର ଗୁରୁତ୍ୱ ରହିଛି। ଜିଲ୍ଲାର ଜଳବାୟୁ ଚିନାବାଦାମ ଚାଷ ପାଇଁ ବିଶେଷ ଅନୁକୂଳ ହୋଇଥିବାରୁ ଚାଷୀମାନେ ଏହି ଚାଷ ପ୍ରତି ଆକୃଷ୍ଟ ହୋଇଆସିଛନ୍ତି। ଚିନାବାଦାମ ଚାଷରୁ ଚାଷୀ ହାତକୁ ବେଶ ଭଲ ଦୁଇ ପଇସା ଆସୁଥିବାରୁ ନଦୀପଠା ସମେତ ବାଲିଆ ଦୋରସା ମାଟିରେ ଏହି ଚାଷ ହେଉଥିବା ଜଣାପଡ଼ିଛି। ସେଥିମଧ୍ୟରୁ କୁଜଙ୍ଗ ବ୍ଲକର ମହାନଦୀ ଓ ପାଇକା ଉପକୂଳର ୬ଟି ପଞ୍ଚାୟତ ବାଲିଆ, ବାଲିକଣି, ହଂସୁରା, ଜିଲ୍ଲାନାସୀ, କାଠକୋଟ ଓ କୁଜଙ୍ଗ ପଞ୍ଚାୟତରେ ବହୁଳ ଭାବରେ ଚିନାବାଦାମ ଚାଷ ହୋଇ ଆସୁଛି। ସେହିପରି ନାଉଗାଁ ବ୍ଲକର ଦେବୀ ନଦୀ ପଠା ଅନ୍ତର୍ଗତ ଗଳାଧାରୀ, ଏରଡା, ଦେବୀଦୋଳ, ଗଜରାଜପୁର, ଅରଖକୁଦ, ରୋହିଆ, ବଛାଳୋ, ଶିଖର, ଓଷକଣା, ଗାରୋଇ ପ୍ରଭୃତି ଗ୍ରାମରେ ବହୁଳ ଭାବରେ ଚିନାବାଦମ ଚାଷ କରାଯାଏ। ସେହିପରି ଜଗତସିଂହପୁର ବ୍ଲକର ଦେବୀନଦୀ ଉପକୂଳ ଆଳିପିଙ୍ଗଳ ପଞ୍ଚାୟତରେ ଏହି ଚାଷ କରାଯାଏ।

ଜିଲ୍ଲାରେ ସର୍ବାଧିକ ଚାଷ ହେଉଥିବା ତୈଳବୀଜ ଜାତୀୟ ଫସଲ ମଧ୍ୟରୁ ଚିନାବାଦାମ ଅନ୍ୟତମ ହୋଇଥିବା ସମୟରେ ୧୯୯୦ ଦଶକରେ ଜିଲ୍ଲାର ୮ ହଜାର ହେକ୍ଟର ପରିମିତ ଜମିରେ ଚିନାବାଦାମ ଚାଷ ହେଉଥିଲା। ବର୍ତ୍ତମାନ ଏହି ଚାଷଜମି ପରିମାଣ ହ୍ରାସ ପାଇଛି। ୨୦୧୫-୧୬ ଠାରୁ ଚିନାବାଦାମ ପାଇଁ ସରକାରୀ ବିହନ ନ ମିଳିବାରୁ ଖୋଲା ବଜାରରୁ

### ● ଅଧା ବିହନ କମିଗଲା
### ● ପ୍ରୋତ୍ସାହନରୁ ବଞ୍ଚିତ ଚାଷୀ

ନିମ୍ନମାନର ବିହନ କିଣି ଚାଷୀ ଏହି ଚାଷ କରିବା ଦ୍ୱାରା ଅମଳ ପ୍ରଭାବିତ ହେବାପରେ ବହୁଚାଷୀ ଚିନାବାଦାମ ଚାଷ ଛାଡିଛନ୍ତି। ତେବେ ଗତ ବନ୍ୟାରେ ଜିଲ୍ଲାର ପ୍ରମୁଖ ନଦୀ ପଠା ତଥା ଉର୍ବର ଉପକୂଳବର୍ତ୍ତୀ ଅଞ୍ଚଳରେ ଜମିରେ ପଟୁ ପଡ଼ିଥିବାରୁ ବାଦାମ ଭଲ ଅମଳ ହେବ ବୋଲି ଆଶା କରି ବହୁ ଚାଷୀ ଚଳିତ ବର୍ଷର୍ ଏହି ସମୟରେ ଜମି ପ୍ରସ୍ତୁତ କରିଥିବା ସୂଚନା ମିଳିଛି। କୁଜଙ୍ଗ ଅଞ୍ଚଳରେ ସର୍ବାଧିକ ଚିନା ବାଦମ ଚାଷ ହେଉଥିବାରୁ ଏହି ବ୍ଲକର ଚାଷୀ ୫୦୦ କ୍ୱିଣ୍ଟାଲରୁ ଅଧିକ ଚିନାବାଦାମ ଅବଶ୍ୟକ କରୁଥିବା ସମୟରେ ଚଳିତ ବର୍ଷ ସେମାନେ ସଂପୂର୍ଣ୍ଣର୍ ଭାବରେ ସରକାରୀ ବିହନରୁ ବଞ୍ଚିତ ହୋଇଛନ୍ତି।

ଅନ୍ୟପକ୍ଷରେ ରାଜ୍ୟ ବିହନ ନିଗମ ସୋସାଇଟି ମାଧ୍ୟମରେ ଚାଷୀକୁ ବିହନ ଯୋଗାଇବାର ବ୍ୟବସ୍ଥା ରହିଥିଲେ ମଧ ୧୦୫ ପ୍ୟାକ୍ସ ମଧ୍ୟରୁ ଗୋଟିଏ ହେଲେ ପ୍ୟାକ୍ସ ଏପର୍ଯ୍ୟନ୍ତ ଚିନାବାଦାମ ବିହନ ଉଠାଉ ନଥିବା ସୂଚନା ମିଳିଛି। ତେବେ ଜମି ପ୍ରସ୍ତୁତ କରି ବିହନକୁ ଅପେକ୍ଷା କରିଥିବା ଚାଷୀ ବିହନ ନମିଳିଲେ ବାଧ ହୋଇ ଖୋଲା ବଜାରରୁ ଦେଢଶହ ଟଙ୍କା ଦାମରେ ବିହନ କିଣିବେ ବୋଲି ପ୍ରକାଶ କରିଛନ୍ତି। ଏ ସଂପର୍କରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ପଚାରିବାରୁ ସେ କହନ୍ତି, ଚାଷୀକୁ ବିହନ ଯୋଗାଇ ଦେବାକୁ ଗତ ଦୁଇବର୍ଷ ହେଲା ଏକ ନୂଆ ଯୋଜନା କରାଯାଇଛି। ଏହାକୁ ପ୍ରି ବୁକିଂ ଅଫ୍ ସିଡ୍ସ ବୋଲି କୁହାଯାଉଛି। ଏହି ବ୍ୟବସ୍ଥା ଅନୁସାରେ ଚାଷୀ ସୋସାଇଟି ବା ଘରୋଇ ସିଡ୍ସ ଡିଲରକୁ ତାଙ୍କର କେତେ ବିହନ ଅବଶ୍ୟକ ସେ ସମ୍ପର୍କରେ ଚାଷର ଯଥେଷ୍ଟ ପୂର୍ବରୁ ଜଣାଇବେ। ଏଥିସହିତ ବିହନ ମୂଲ୍ୟର ୧୦ ପ୍ରତିଶତ ସେ ଆଗୁଆ ସିଡ୍ସ ଡିଲର ବା ସୋସାଇଟିରେ ଦାଖଲ କରିବେ। ଏହି ଅର୍ଥକୁ ସଂପୃକ୍ତ ସୋସାଇଟି ବା ଡିଲର ରାଜ୍ୟ ବିହନ ନିଗମ ନିକଟରେ ପୈଠ କରି ଚାଷୀର ପସନ୍ଦ ଅନୁସାରେ ଉପଲବ୍ଧ ବିହନ ଚାଷୀକୁ ଯୋଗାଇବାର ବ୍ୟବସ୍ଥ କରିବେ। ତେବେ ଚିନାବାଦମ ଚାଷୀମାନଙ୍କୁ ଏହି ନୂତନ ବ୍ୟବସ୍ଥା ସଂପର୍କରେ ସଚେତନ କରାଯାଇ ପାରିନାହିଁ। ଅନ୍ୟପକ୍ଷରେ ପ୍ୟାକ୍ସମାନେ ମଧ ଆଳଦେଖାଇ ବିହନ ଉଠାଉ ନଥିବାରୁ ଚାଷୀ ବିହନ ପାଇବାରୁ ବଞ୍ଚିତ ହୋଇଛି।

# ଜନସ୍ୱାସ୍ଥ୍ୟ ବିଭାଗ ଖୋଳିଥିବା ଗାତରେ ପଡ଼ି ଜଣେ ଗୁରୁତର



ଅନୁଗୋଳ, ୧୪।୧୧(ସମିସ): ଅନୁଗୋଳ ସହରର ଥାନା ଛକ ନିକଟରେ ଏକ ବଡ଼ ଗାତରେ ପଡ଼ି ତୁରଙ୍ଗ ଗ୍ରାମର ପଙ୍କଜ ପଣ୍ଡା(୪୬) ଗୁରୁତର ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସୂଚନା ମୁତାବକ, ଗତକାଲି ରାତି ପାଖାପାଖି ୯.୩୦ରେ ପଙ୍କଜ ଥାନା ଛକ ଅଞ୍ଚଳରୁ କଲେଜ ଛକକୁ ବାଇକ୍‌ଯୋଗେ ଯାଉଥିବା ବେଳେ ଥାନା ଛକ ନିକଟରେ ଜନ ସ୍?ାସ୍ଥ୍ୟ ବିଭାଗ ପକ୍ଷରୁ କରାଯାଇଥିବା ଏକ ବଡ଼ ଗାତରେ ପଡ଼ି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ତେବେ ଜନ ସ୍ୱାସ୍ଥ୍ୟ ବିଭାଗର ଅବହେଳା ପାଇଁ ଏହି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ଅନ୍ୟପଟେ ଏହା ପ୍ରଥମ ନୁହେଁ, ପୂର୍ବରୁ ବି ଅନେକ ଥର ଲୋକେ ଗାତରେ ପଡ଼ି ଗୁରୁତର ହୋଇଛନ୍ତି।

## ଛତୁ ଉତ୍ପାଦନରେ ଢେଙ୍କାନାଳ ଜିଲ୍ଲା ରାଜ୍ୟରେ ଦ୍ୱିତୀୟ

# ରୋଜଗାର, ସ୍ୱାବଲମ୍ବୀ ପାଇଁ ଆଗଭର ଏସ୍‌ଏଚ୍‌ଜି ଗ୍ରୁପ୍

ଢେଙ୍କାନାଳ, ୧୪।୧୧(ସମିସ)

ଢେଙ୍କାନାଳ ଜିଲ୍ଲାରେ ଛତୁଚାଷ ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି। ମହିଳାମାନେ ସ୍ୱାବଲମ୍ବୀ ହେବା ସହିତ ସ୍ୱରୋଜଗାରକ୍ଷମ ହୋଇ ପରିବାର ପ୍ରତିପୋଷଣ କରିବାରେ ସକ୍ଷମ ହେଉଛନ୍ତି। ଛତୁଚାଷ ଢେଙ୍କାନାଳରେ ଦିନକୁ ଦିନ ବ୍ୟାପକ ହେଉଥିବା ବେଳେ ଗୁଣ ଓ ମାନ ପାଇଁ ଦିନକୁ ଦିନ ଏହା ଆଦୃତ ହେବାରେ ଲାଗିଛି।

ଢେଙ୍କାନାଳ ଜିଲ୍ଲା ଛତୁଚାଷର ହବ୍ ପାଲଟିଛି।





### ● ଗୁଣାତ୍ମକ ମାନ ପାଇଁ ରାଜ୍ୟ ବାହାରେ ଚାହିଦା ବୃଦ୍ଧି

ଜିଲ୍ଲାର କୋଣ ଅନୁକୋଣରେ ଛତୁ ଚାଷ ଦିନକୁ ଦିନ ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି। ଛତୁ ଚାଷ କରି ମହିଳାମାନେ ରୋଜଗାରକ୍ଷମ ହେବା ସହିତ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଜିଲ୍ଲାରେ ଛତୁ ଚାଷ କ୍ଷେତ୍ରରେ ମହିଳାମାନଙ୍କର ଭୂମିକା ଅଧିକ ରହିଛି। ଢେଙ୍କାନାଳ ଜିଲ୍ଲାରେ ୧୮ ହଜାର ୧୧୬ ଏସ୍‌ଏଚ୍‌ଜି ଗ୍ରୁପ ରହିଛି। ଭୁବନ ବ୍ଲକରେ ୨ ହଜାର ୨୭ଟି ଏସ୍‌ଏଚ୍‌ଜି ଗ୍ରୁପ ରହିଥିବା ବେଳେ ଢେଙ୍କାନାଳ ସଦର ବ୍ଲକରେ ୨ ହଜାର ୬୧୯ଟି, ଗଁଦି÷ଆ ବ୍ଲକରେ ୧ ହଜାର ୮୬୯ଟି, ହିନ୍ଦୋଳ ବ୍ଲକରେ ୨ ହଜାର ୯୯୪ଟି, କାମାକ୍ଷାନଗର ବ୍ଲକରେ ୧ହଜାର ୯୯୬ଟି, କଙ୍କଡ଼ାହାଡ଼ ବ୍ଲକରେ ୧ ହଜାର ୬୨୧ଟି, ଓଡ଼ାପଡ଼ା ବ୍ଲକରେ ୨ ହଜାର ୭୩୮ଟି ଓ ପରଜଙ୍ଗ ବ୍ଲକରେ ୨ ହଜାର ୨୫୨ଟି ଏସ୍‌ଏଚ୍‌ଜି ଗ୍ରୁପ ଗଠନ ହୋଇଛି। ମିଶନ ଶକ୍ତି ଜରିଆରେ ଏହି ଏସଏଚ୍‌ଜି ଗ୍ରୁପ ଗୁଡିକୁ ସରକାରଙ୍କ ବିଭିନ୍ନ ଯୋଜନାରେ ଅର୍ଥ ସହିତ ବିଭିନ୍ନ ସହାୟତା ରାଶି ପ୍ରଦାନ କରାଯାଇଛି। ମହିଳା ମାନେ ସ୍ୱାବଲମ୍ବୀ ଏବଂ ରୋଜଗାର ସମ୍ପନ୍ନ ହେବାକୁ ଏସ୍‌ଏଚଜି ଗ୍ରୁପ ଗଠନ କରାଯାଇଛି। ଜିଲ୍ଲାରେ ୨୦୧୧ ଜନଗଣନା ଅନୁସାରେ ୧୧ ଲକ୍ଷ ୯୨ହଜାର ୯୪୮ ଲୋକମାନଙ୍କ ମଧ୍ୟରୁ ମହିଳା ମାନଙ୍କ ସଂଖ୍ୟା ୫ଲକ୍ଷ ୮୦ ହଜାର ୩୫୧ ରହିଥିବା ବେଳେ ବହୁ ମହିଳା ଏସ୍‌ଏଚ୍‌ଜି ଗ୍ରୁପରେ ସାମିଲ ହୋଇନଥିବା ଜଣାପଡ଼ିଛି। ମହିଳାମାନେ ଗୋଷ୍ଠୀ ଗଠନ କରି ପ୍ରତି ଗ୍ରୁପରେ୧୦ ଜଣ ରହୁଥିବା ବେଳେ ଜିଲ୍ଲାରେ ଥିବା ୧୮ ହଜାର ୧୧୬ଟି ଗ୍ରୁପରେ ମାତ୍ର ୧ଲକ୍ଷ ୮୧ ହଜାର ୧୬୦ ଜଣ ମହିଳା ଉପକୃତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୩ ଲକ୍ଷ ୯୯ ହଜାରରୁ ଅଧିକ ମହିଳା କୌଣସି ଗ୍ରୁପରେ ନଥିବା ଜଣାପଡ଼ିଛି। ମହିଳାମାନେ ଛତୁ ଚାଷ କରି ଏବ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ଅଞ୍ଚଳ ସହିତ ରାଜ୍ୟବାହାରକୁ ମଧ ଛତୁ ରପ୍ତାନୀ କରି ବେଶ ଲାଭବାନ ହେଉଛନ୍ତି। ଜିଲ୍ଲାରେ ପ୍ରାୟ୧ହଜାର ଛତୁଚାଷୀ ରହିଥିବାବେଳେ ପ୍ରତିଦିନ ୧୦ଟନ ଛତୁ ଉତ୍ପାଦନ ହେଉଛି। ଏହି ଛତୁ ପାଇଁ ୫୦ଟି ଛତୁ ମଞ୍ଜି ଉତ୍ପାଦନ କେନ୍ଦ୍ର ରହିଛି। ପ୍ରତିଦିନ ୩୦.୯ କ୍ୱିଣ୍ଟାଲ ପାଳ ଛତୁ ଉତ୍ପାଦନ ହେଉଥିବା ବେଳେ ଏହିଛତୁ ଭୁବନେଶ୍ୱର, ରାୟପୁର, ଛତିଶଗଡ଼ ସହିତ ବିଭିନ୍ନ ଜିଲ୍ଲାକୁ ଯୋଗାଇ ଦିଆଯାଉଛି। ଛତୁ ଉତ୍ପାଦନ କ୍ଷେତ୍ରରେ ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମ ରେକର୍ଡ କରିଥିବାର ଜଣାପଡ଼ିଛି। ଛତୁ ମଞ୍ଜି ଏବଂ ଛତୁ ଉତ୍ପାଦନ ପାଇଁ ପୁରୀ ଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଢେଙ୍କାନାଳ ଜିଲ୍ଲା ଦ୍ୱିତୀୟ ସ୍ଥାନରେ ରହି ସୁନାମ ଅର୍ଜନ କରିଛି। ସେହିଭଳି ଢେଙ୍କାନାଳ ଛତୁ ଗୁଣାତ୍ମକ ମାନ ଏବଂ ସ୍ୱାଦରେ ରାଜ୍ୟରେ ପ୍ରଥମ ସ୍ଥାନରେ ରହିଛି। ତତ୍କାଳୀନ ସରକାର ୨୦୧୮ ମସିହାରୁ ଛତୁ ଛାଷ ପାଇଁ ଛତୁ ମିଶନ କରିଥିବାବେଳେ ମହିଳାମାନଙ୍କ ଆୟବୃଦ୍ଧି, ରୋଜଗାରକ୍ଷମ କରିବାକୁ ଉଦ୍ୟମ କରିଥିଲେ। ଫଳରେ ମହିଳା ଗୋଷ୍ଠୀଙ୍କୁ ଛତୁ ଚାଷ ପାଇଁ ୪୦ ହଜାରରୁ ଏକ ଲକ୍ଷ ଟଙ୍କା ସହାୟତା ପ୍ରଦାନ ସହିତ ରିହାତି ମଧପ୍ରଦାନ କରୁଥିଲେ। ଛତୁ ଚାଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହିତ ଅନ୍ୟମାନଙ୍କ ପାଇଁ ରୋଜଗାରର ମାଧମ ପାଲଟିଥିବାବେଳେ ଛତୁଚାଷକୁ ବିଭିନ୍ନ ସ୍ତରରେ ପ୍ରୋତ୍ସାହନ ମଧ ପ୍ରଦାନ କରାଯାଉଛି। ଢେଙ୍କାନାଳ ଜିଲ୍ଲାରେ ଦିନକୁ ଦିନ ଛତୁଚାଷ ବୃଦ୍ଧି ପାଉଥିବା ବେଳେ ଏ ଦିଗରେ ସରକାର ଅଧିକ ସହାୟତା ଏବଂ ଜ୍ଞାନକୌଶଳ ଯୋଗାଇ ଦେଲେ ଏହା ଅଧିକ ରୋଜଗାର ସମ୍ପନ୍ନ ହୋଇପାରିବ ବୋଲି ଜଣାପଡ଼ିଛି।

# ରାସଯାତ୍ରା ବୁଲି ଦେଖିଲେ ବିଧାୟକ



ଆଠମଲ୍ଲିକ ୧୪।୧୧(ସମିସ): ଆଠମଲ୍ଲିକ ଏନ୍‌ଏସି ଅନ୍ତର୍ଗତ ଦୋଳ ମଣ୍ଡପ ସାହିରେ କାର୍ତ୍ତିକ ମାସ ଶୁକ୍ଳପକ୍ଷ ଦଶମୀ ତିଥିରୁ ଆରମ୍ଭ ହୋଇଥିବା ରାସଯାତ୍ରା ଧୂମଧାମରେ ଚାଲିଛି। ଆସନ୍ତା ପୂର୍ଣ୍ଣମୀ ତିଥିରେ ଅଷ୍ଟପ୍ରହରୀ ନାମଯଜ୍ଞ ହେବାର ସ୍ଥିର ହୋଇଥିବା ବେଳେ ଦୈନନ୍ଦିନ ଭକ୍ତଙ୍କ ଭିଡ଼ ଜମିବାରେ ଲାଗିଛି। ଏହି ଉପଲକ୍ଷେ ଆଠମଲ୍ଲିକର ବିଧାୟକ ନଳିନୀକାନ୍ତ ପ୍ରଧାନ ଆଠମଲ୍ଲିକ ଗସ୍ତରେ ଆସି ରାସଯାତ୍ରାରେ ପ୍ରଭୁ ରାଧାକୃଷ୍ଣଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ରାସ ପୂଜା କମିଟି ତରଫରୁ ସଭାପତି ସବ୍ୟସାଚୀ ସିଂ, ସମ୍ପାଦକ ରିତେଶ କୁମାର ସିଂ, କୋଷାଧକ୍ଷ ଦିନେଶ କୁମାର ସିଂ, ସଭ୍ୟ, ଯୁବନୀ ଆର୍ଯ୍ୟବ୍ରତ ଷଡ଼ଙ୍ଗୀ, ନଟରାଜ ହୋତା, ମନୋରଞ୍ଜନ ନାଏକ, ଆଶିଷ ନାଏକ, ସୁଶୀଲ ନାଏକଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ରହି ସ୍ୱାଗତ କରିବା ସହିତ ମା'ମାହେଶ୍ୱରୀଙ୍କ ମନ୍ଦିର ଓ ରାସ ପଡ଼ିଆର ଉନ୍ନତି ପାଇଁ ଆଲୋଚନା କରିଥିଲେ। ବିଧାୟକ ଶ୍ରୀ ପ୍ରଧାନଙ୍କ ସହିତ ବିଜେଡି ବ୍ଲକ ସଭାପତି ମହେଶ୍ୱର ଦେହୁରୀ ଉପସ୍ଥିତ ଥିଲେ।

# ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଆଠମଲ୍ଲିକ, ୧୪। ୧୧ (ସମିସ): ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥି ଭାବେ ଆଠମଲ୍ଲିକ ବ୍ଲକ ଚେୟାରମ୍ୟାନ ଦୁଃଶାସନ ରାଉଳ, ଏନ୍‌ଏସି ଅଧକ୍ଷା ଆଶା କୁମାରୀ ସାହୁ, କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଠମଲ୍ଲିକ ବ୍ଲକ ପ୍ରତିନିଧି ପ୍ରକାଶ ସାହୁ, ଏନ୍‌ଏସି ଭାଇସ ଚେୟାରମ୍ୟାନ ଗଦାଧର ସ୍ୱାଇଁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର ଯୋଗ ଦେଇଥିଲେ। ପ୍ରଥମେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି ଶିବିରକୁ ଉଦ୍‌ଘାଟନ କରାଯାଇଥିଲା। ଏଥିରେ ଶିଶୁ ବିଭାଗ, ଅସ୍ଥିଶଲ୍ୟ ବିଭାଗ, କାନ, ନାକ, ଗଳା, ବିଭାଗ, ଚକ୍ଷୁ ବିଭାଗରେ ମୋଟ ୫୫୬ ଜଣ ଭିନ୍ନକ୍ଷମ ପଞ୍ଜିକୃତ ହୋଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଶିବିରରେ ୨୪ ଜଣଙ୍କୁ ବସ୍ ଓ ଟ୍ରେନ ପାସ୍, ୧୧ ଜଣଙ୍କୁ ଋଣ ଓ ୩ ଜଣକୁ ଟ୍ରାଇ ସାଇକଲ୍ ବଣ୍ଟନ କରାଯାଇଥିଲା। ଡ. ପି କେ ମହାନ୍ତି, ଡ. ଅଶୋକ କୁମାର ମଲ୍ଲିକ, ଡ. ଜି ଆର ବିଶ୍ୱାଳ, ଡ. ଏନ ପ୍ରଧାନ, ଡ. ରଶ୍ମିତା ଭଞ୍ଜ ଦେଓ ଯୋଗଦେଇ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିକୁଞ୍ଜ ରଞ୍ଜନ ଦାଶ, ପ୍ରିୟଦର୍ଶୀ ସାମଲଙ୍କ ସମେତ ବ୍ଲକ କର୍ମଚାରୀ ଏବଂ ଆଠମଲ୍ଲିକ ମହାବିଦ୍ୟାଳୟର ଏନସିସି କ୍ୟାଡ଼େଟ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଗଁଦିଆ ବ୍ଲକସ୍ତରୀୟ ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ

ଗଁଦିଆ, ୧୪।୧୧(ସମିସ): ଗଁଦିଆ ବ୍ଲକ ଅନ୍ତର୍ଗତ ବିଶ୍ୱନାଥପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗଁଦିଆ ଗୋଷ୍ଠୀ ସାଧନା କେନ୍ଦ୍ର ସଂଯୋଜକ ସୁବାଷ ଚନ୍ଦ୍ର ସ୍ୱାଇଁ ଅଧକ୍ଷତା କରି ଅନ୍ଧ ବିଶ୍ୱାସ ଓ କୁସଂସ୍କାର ଆମ ପ୍ରଗତିରେ ବାଧକ ସାଜିଛି, ତେଣୁ କୁନି ବୈଜ୍ଞାନିକମାନେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାକୁ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ସମ୍ପ୍ରସାରିତ କରି ଏକ ସୁସ୍ଥ ଓ ପ୍ରଗତଶୀଳ ସମାଜ ଗଠନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଭାବରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ନରେନ୍ଦ୍ର କୁମାର ଦାସ ଯୋଗଦାନ କରି ବିଜ୍ଞାନକୁ ସଦାସର୍ବଦା ଜଣ କଲ୍ୟାଣ କାର୍ଯ୍ୟରେ ଉପଯୋଗ କରିବାକୁ ସେ ମତବ୍ୟକ୍ତ କରିଥିଲେ। ସାମ୍ମାନିତ ଅତିଥି ଭାବରେ କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ଲେଙ୍କା ଓ ଗଁଦିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୁରଲୀ ଧର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ବ୍ଲକର ୧୭ ଗୋଟି କ୍ଲଷ୍ଟରୁ ୭ ଟି ବିଷୟବସ୍ତୁ ଉପରେ ୯୧ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ସୁଦର୍ଶନ ବିଦ୍ୟାପୀଠ, ଚିରୁଲେଇ ସୁଜାତା ବେହେରା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବିଶ୍ୱନାଥପୁର




ରୋଶନ କୁମାର ସାହୁ, ସରକାରୀ ଉଚ୍ଚ ବିଦ୍ୟାଳୟ, ଯୋରନ୍ଦାର ସତ୍ୟ ସାଇନାଥ ସାହୁ, ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରିୟମ୍ବଦା ଭଞ୍ଜ, ବଜୁରିଆ ବାଜିରାଉତ ବିଦ୍ୟାଳୟର ଛାତ୍ର ବିବେକ ପ୍ରଧାନ, ଲାଉଲଇ ନୋଡାଲ ବିଦ୍ୟାଳୟର ଛାତ୍ର ସୌମ୍ୟରଞ୍ଜନ ବେହେରା ଓ ପୁରୁଣାଅମାଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଶୁଭସ୍ମିତା ପଣ୍ଡାଙ୍କ ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କୃତ ହେବା ସହ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀକୁ ମନୋନୀତ ହୋଇଛନ୍ତି। ଏହି ଅବସରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତେନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଗଁଦିଆ ପଞ୍ଚାୟତ ସମିତି ଅଧକ୍ଷା ରୀନାରାଣୀ ଖଟୁଆ ମୁଖ୍ୟ ବକ୍ତା ଭାବରେ ଯୋଗଦେଇଥିଲେ। ଗଁଦିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବିତ୍ର କୁମାର ବେହେରା ସାମ୍ମାନୀତ ଅତିଥି ଏବଂ ଗୋଷ୍ଠି ସାଧନାକେନ୍ଦ୍ରର ସଂଯୋଜକ ସୁବାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଶୁଆଖିଆକାଟେଣୀ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସଦାନନ୍ଦ ସାହୁ, ସରକାରୀ ଉଚ୍ଚ ବିଦ୍ୟାଳୟ କଙ୍କଡାସୋଡ଼ା ର ଶିକ୍ଷକ ପ୍ରସନ୍ନ କୁମାର ବିଶ୍ୱାଳ ବିଚାରକ ଭାବରେ ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ସ୍ୱାଗତ ଓ ଉଦଯାପନୀ ସଙ୍ଗୀତ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଆରସିସି ମାନେ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ବିଜ୍ଞାନ ମେଳା

ପାଲଲହଡ଼ା, ୧୪।୧୧(ସମିସ): ଅନଗୁଳ ଜିଲ୍ଲା ପାଲଲହଡ଼ା ବ୍ଲକ ମହତାବ ଉଚ୍ଚ ବିଦ୍ୟାଳୟଠାରେ ବୁଧବାର ୩୦ତମ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ବିଦ୍ୟାଳୟର ୧୧୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପାଲଲହଡା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାର ଉଦ୍‌ଘାଟନ କରିଥିଲେ। ନିଜିଗଡ଼ ସରପଞ୍ଚ ଶଶୀଭୂଷଣ ଆଚାର୍ଯ୍ୟ, ସମିତି ସଭ୍ୟ ଶ୍ରୀମତୀ ଗୌରି ହାଇବ୍ରୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିବାବେଳେ ବ୍ଲକ ବିଜ୍ଞାନ ସଂଯୋଜକ ଅକ୍ଷୟ କୁମାର ପ୍ରଧାନ, ମହତାବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ସୁନନ୍ଦା ପ୍ରଧାନ, ଏବିଇଓ ବସନ୍ତ କୁମାର ଶାସନୀ, ତନ୍ମୟ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ପ୍ରିୟବ୍ରତ ମାଝୀ ସଭାପତିତ୍ୱ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ପାଲଲହଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବାଡ଼ା ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

## ରାମେଶ୍ୱର ପାଟଣାରେ କାର୍ତ୍ତିକେଶ୍ୱର ପୂଜା

ଆଠମଲ୍ଲିକ ୧୪।୧୧(ସମିସ): ଆଠମଲ୍ଲିକ ଏନ୍‌ଏସି ଅନ୍ତର୍ଗତ ୯ ନମ୍ବର ୱାର୍ଡ ରାମେଶ୍ୱର ପାଟଣା ସ୍ଥିତ ମହାଦେବ ମନ୍ଦିର ନିକଟରେ ଧୁମଧାମରେ କାର୍ତ୍ତିକେଶ୍ୱର ପୂଜା ପାଳିତ ହେଉଛି। ନାମ ସଂକୀର୍ତ୍ତନ ସହ ବିରାଟ ପଟୁଆରରେ ପବିତ୍ର ଜଳକୁ କଳସ ଯାତ୍ରାରେ ଆଣି ପୂଜା ମଣ୍ଡପରେ ସ୍ଥାପନା କରାଯାଇଥିଲା। ଶେଷଦେବ ପାଣିଗ୍ରାହୀ ପୂଜକ ଭାବରେ ଓ କର୍ତ୍ତା ଭାବରେ ହାଡିବନ୍ଧୁ ବାରିକ ଦାୟିତ୍ୱ ତୁଲାଇଥିଲେ। ପୂଜା ମଣ୍ଡପଠାରୁ ସାହିର ଉଭୟ ପାର୍ଶ୍ୱରେ ରଙ୍ଗୀନ ଆଲୋକ ମାଳାରେ ସଜ୍ଜିତ କରାଯାଇଛି। ପ୍ରତ୍ୟେହ କାର୍ତ୍ତିକେଶ୍ୱରଙ୍କୁ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହୁଛି।



# ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ ସମାରୋହ

 କାମାକ୍ଷାନଗର, ୧୪।୧୧(ସମିସ): ଢେଙ୍କାନାଳ ଜିଲ୍ଲା କାନପୁରା ସ୍ଥିତ ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧକ୍ଷତାରେ ଶିଶୁ ଦିବସ ପାଳନ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ବିଶ୍ୱାଳ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀ ସ୍ୱାତୀ ସ୍ୱାଗତିକା ମହାପାତ୍ର, ଅଦ୍ୟାଶା ଲେଙ୍କା,



ଅଭିଲିପ୍ସା ସାହୁ, ସୋମ୍ୟାଶ୍ରୀ ରଣା, ଛାତ୍ର ଆକାଶ ସାମଲ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଜୀବନାଦର୍ଶ ତଥା ଶିଶୁ ଦିବସ ର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ତତ୍ପରେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମଧ ଆଲୋଚନା କରିଥିଲେ। ଶିକ୍ଷକ ନିରଞ୍ଜନ ସାହୁ ସ୍ୱଗାତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ସୁରେଶ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଚନ୍ଦ୍ରମଣି ଲେଙ୍କା, ରୁଦ୍ରନାରାୟଣ ପରିଡ଼ା, ବାନାର୍ଜୀ ମହାନ୍ତି, ବସନ୍ତ ସାହୁ, ନିର୍ମଳଚନ୍ଦ୍ର ମହାନ୍ତି, ସମରେନ୍ଦ୍ର ନାୟକ, ସୌଭାଗ୍ୟ ସାହୁ, ଚିତ୍ତରଞ୍ଜନ ବିଶ୍ୱାଳ, ଆକାଶ ରାଉତ, ରାଜେଶ ସାହୁ, ଶିକ୍ଷୟିତ୍ରୀ ସୁମିତ୍ରା ଜେନା, ପ୍ରଭାତୀ ସାହୁ, ଜୟସ୍ମିତା ରାଉତ, ଶିକ୍ଷା କର୍ମଚାରୀ ଗିରିଶ ଚନ୍ଦ୍ର ମହାନ୍ତି, ରବିନାରାୟଣ ରାଉତ, ଶାନ୍ତନୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରମିକ ସୁରକ୍ଷାକୁ ନେଇ ଷ୍ଟେରିଙ୍ଗ୍ ଛାଡ଼ ଆନ୍ଦୋଳନ

# କୋଇଲା ଉତ୍ତୋଳନ ପରିବହନ ସମ୍ପୂର୍ଣ୍ଣ ଠପ୍

ତାଳଚେରସଦର, ୧୪।୧୧(ସମିସ)



କୋଇଲା ଖଣିରେ ଶ୍ରମିକମାନଙ୍କ ସୁରକ୍ଷାକୁ ନେଇ ଆଜି ମହାନଦୀକୋଲ୍‌ଫିଲଡ୍‌କଣ୍ଟ୍ରାକଚୁଆଲଟ୍ରାନ୍ସପୋର୍ଟୱାର୍କର ୟୁନିଅନ ଷ୍ଟେରିଙ୍ଗ ଛାଡ଼ ଆନ୍ଦୋଳନ ଡାକରା ଦେଇଛନ୍ତି। ଦୁଇଦିନ ତଳେ ତାଳଚେର ଲିଙ୍ଗରାଜ କୋଇଲା ଖଣିରେ କିଛି ଟ୍ରକ, ବୋଲେରୋକୁ ରାସ୍ତାପାଶ୍ୱର୍ରେ ଛଇଡ଼ା କରିବାକୁ କହି କିଛି ଦୁର୍ବୃତ୍ତ ହକିଷ୍ଟିକରେ ଗାଡ଼ିର କାଚ, ଲାଇଟ୍ ଇତ୍ୟାଦି ଭାଙ୍ଗିଦେଇଥିଲେ। ଏତିକିରେ ମନବୁଝି ନଥିବା ବେଳେ ସେମାନେ ଲିଙ୍ଗରାଜ କୋଇଲା ଖଣିର ପିଓ ଅଫିସ୍, ଟାଇମ ଅଫିସ ଓ କଣ୍ଟାଘରେ ପଶି ଚେୟାର, ଟେବୁଲକୁ ଭଙ୍ଗାରୁଜା ସାଙ୍ଗକୁ ଡ୍ରାଇଭର ମାନଙ୍କୁ ଭୟଭୀତ କରିଥିବା ଘଟଣା ପାଇଁ ଖଣି ଅଞ୍ଚଳରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ଜୀବନ ପ୍ରତି ବିପଦ ଥିବାରୁ ଆଜି ସମସ୍ତ କୋଇଲା ଖଣିରୁ ଶ୍ରମିକ ମାନେ ଷ୍ଟେରିଙ୍ଗ ଛାଡ଼ ଆନ୍ଦୋଳନରେ ସାମିଲ ହୋଇଥିଲେ। ସମସ୍ତ କୋଇଲା ଖଣିରେ ଅଚଳାବସ୍ଥା ଦେଖାଦେଇଛି। ଯଦ୍ୱାରା ହଜାର ହଜାର କୋଇଲା ଟ୍ରକ ଛିଡା ହୋଇଛନ୍ତି। କୋଇଲା ଖଣି ଗୁଡିକରେ ସମ୍ପୂର୍ଣ୍ଣ କୋଇଲା ଉତ୍ପାଦନ ବନ୍ଦ ଥିବାରୁ କୋଟିକୋଟି ଟଙ୍କାର ରାଜସ୍ୱ ହାନି ହେଇଛି। ମହାନଦୀ କୋଲଡଫିଲଡ କଣ୍ଟ୍ରାକଚୁଆଲ ଟ୍ରାନ୍ସପୋର୍ଟ ୱାର୍କର ୟୁନିଅନର ସାଧାରଣ ସମ୍ପାଦକ ନରହରି ସାହୁ ପ୍ରକାଶ କରିଛନ୍ତି ଯେ ଯେପର୍ଯ୍ୟନ୍ତ ଶ୍ରମିକ ସୁରକ୍ଷା ପାଇଁ ଏମସିଏଲ ମ୍ୟାନେଜମେଣ୍ଟ ପ୍ରତିଶ୍ରୁତି ନଦେଇଛି, ସେ ପର୍ଯ୍ୟନ୍ତ ଏହି ଷ୍ଟେରିଙ୍ଗ ଛାଡ଼ ଆନ୍ଦୋଳନ ଜାରି ରହିବ। ଆଜି ଏହି ଷ୍ଟେରିଙ୍ଗ ଛାଡ଼ ଆନ୍ଦୋଳନରେ ୧୫ଶହରୁ ଅଧିକ ଠିକା ଶ୍ରମିକ ଏକାଠି ହୋଇ ଶ୍ରମିକ ସୁରକ୍ଷାକୁ ନେଇ ଏମସିଏଲ ବିରୋଧରେ ନାରାବାଜି ଦେଇଥିଲେ। ମହାନଦୀ କୋଲ୍‌ଡ ଫିଲ୍ଡ ଟ୍ରାନପୋର୍ଟ ୱାର୍କର ୟୁନିଅନର ସମ୍ପାଦକ, କାର୍ଯ୍ୟକାରି ସଭାପତି ସମେତେ ଶତାଧିକ ଠିକା ଶ୍ରମିକ ମାନେ ନିଜସ୍ୱ ସଂଘ କାର୍ଯ୍ୟାଳୟ ଠାରେ ଏକତ୍ରିତ ହୋଇ ଆନ୍ଦୋଳନକୁ ଜାରି ରଖିଛନ୍ତି।

## ■ ମାଧପୁର ରୋଗୀ କଲ୍ୟାଣ ସମିତିର ବୈଠକ

# ରୋଗୀଙ୍କ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱାରୋପ

କିଶୋରନଗର, ୧୪।୧୧(ସମିସ): ଆଠମଲ୍ଲିକ ଉପଖଣ୍ଡର ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଘର ଠାରେ ରୋଗୀ କଲ୍ୟାଣ ସମିତିର ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠମଲ୍ଲିକ ବିଧାୟକ ତଥା ପରିଚାଳନା ପରିଷଦର ଅଧକ୍ଷ ନଳିନୀକାନ୍ତ ପ୍ରଧାନ ଅଧକ୍ଷତା କରି ରୋଗୀମାନଙ୍କ ସମସ୍ୟାର ସମାଧାନ ଉପରେ ବିଭାଗୀୟ ଅଧିକାରୀ ମାନେ ଗୁରୁତ୍ୱ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ କୁନ୍ଦନାଳୀ ଗ୍ରାମରେ ପ୍ରସ୍ତାବିତ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ ନିର୍ମାଣ, ଉତ୍ତମ ରୋଗୀ ସେବା, ସ୍ୱାସ୍ଥ୍ୟକେନ୍ଦ୍ରର ଗୃହ ଗୁଡ଼ିକର ମରାମତି, ୨ ୦୨୪/୨୫ ଆର୍ଥିକ ବର୍ଷରେ ଡାକ୍ତରଖାନାର ଉନ୍ନତକରଣ ନିମନ୍ତେ ବର୍ହିବିଭାଗ ନିମିତ୍ତ ସମସ୍ତ ଯନ୍ତ୍ରାଶ କିଣାଯିବା, ରୋଗୀ ପ୍ରତୀକ୍ଷାସ୍ଥଳର ଉନ୍ନତି କରଣ କରାଯିବା ସହ ସ୍ୱାସ୍ଥ୍ୟକେନ୍ଦ୍ରରେ ପାନୀୟଜଳ ଓ ପରିମଳ ଉପରେ ଆଲୋଚନା କରାଯାଇଥିଲା। ଏଥିସହ ରୋଗୀମାନଙ୍କୁ ବୌଦ୍ଧ ଓ ବୁର୍ଲା ବଡ଼ ଡାକ୍ତରଖାନାକୁ ୧୦୮ ଆମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତର କରିବା ଉପରେ ଆଲୋଚନା ହୋଇ ପ୍ରସ୍ତାବ ଗୃହୀତ ହୋଇଥିଲା। ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କାୟାକଳ୍ପ ସମ୍ମାନ ପାଇବା ପାଇଁ ଯଥାସମ୍ଭବ ଉଦ୍ୟମ କରିବାକୁ ବିଧାୟକ ସ୍ୱାସ୍ଥ୍ୟକର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏଥିରେ ସରୋଜ କୁମାର ଦାଶ ୨୦୨୪/୨୫ ଆର୍ଥିକ ବର୍ଷର ବିବରଣୀ ପାଠ କରିଥିବା ବେଳେ ବିତ୍ତ ଅଧିକାରୀ ଅନୂପ କୁମାର କର ବିଗତ ବର୍ଷର ଆୟ ବ୍ୟୟର ହିସାବ ପ୍ରଦାନ କରିଥିଲେ। ଏହି ବୈଠକରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡାକ୍ତର ଯତୀନ୍ଦ୍ର କୁମାର ହୋତା, ଜିଲ୍ଲା ପରିଷଦ ସଭ୍ୟା ରଶ୍ମିରେଖା ମାହାର, ସମିତିର ସଭ୍ୟ କାଶିନାଥ ସାହୁ, ରାମଚନ୍ଦ୍ର ମହାକୁଡ଼, ପୂର୍ତ୍ତ ବିଭାଗ ଏସ୍‌ଡିଓ ରମେଶ ଚନ୍ଦ୍ର ସ୍ୱାଇଁ, ଏନ୍‌ଏଚଏମ୍ ସହକାରୀ ଯନ୍ତ୍ରୀ ସୁନୀଲ ଦେହୁରୀ, କନିଷ୍ଠ ଯନ୍ତ୍ରୀ ଜ୍ୟୋତିପ୍ରକାଶମାଝୀ ପ୍ରମୁଖ ଉପସ୍ଥିତ ଥିଲେ।



